ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.145 Bhubaneswar Saturday July 23 2022 | ୨୫ତମ ବର୍ଷ ସଂଖ୍ୟା–୧୪୫ ଭୁବନେଶ୍ୱର, ଶନିବାର, ଜୁଲାଇ ୨୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଏ ଖାଦ୍ୟକୁ କୁକୁର ଖାଉନାହାନ୍ତି, ସରକାର ଆସି ଚାଖନ୍ତୁ



ଭୁବନେଶ୍ୱର,୨୨ା୭(ପି.ଏନ): 'ଏ ଖାଦ୍ୟକୁ କୁକୁର ଖାଉନାହାନ୍ତି। ଆମ ପିଲା କେମିତି ଖାଇବେ। ସରକାର ଆସି ଚାଖନ୍ତୁ।' ଆଜି ଏଭଳି ଉଦ୍ ?ବେଗ ପ୍ରକାଶ କରି ବାସୁଦେବପୁର ପୌରପାଳିକା ରାଧାକାନ୍ତପୁର ଗାଁର ଦିବାକର ମିଶ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୨୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନକୁ ରାସ୍ତାରେ ଢାଳି ଦେଇଥିଲେ ଅଭିଭାବକମାନେ ।ଅଭିଭାବକମାନେ କହିଥିଲେ, ଆଜି ଆସିଥିବା ଭାତ ଓ ତରକାରୀରୁ ଦୁର୍ଗନ୍ଧ ବାହାରୁଥିଲା। ଗତ ବୁଧବାର ଦିନ ଆସିଥିବା ମଧ୍ୟାହ୍ନ ଭୋଜନରୁ ପୋକ ବାହାରିଥିଲା। ମଙ୍ଗଳବାର ଦିନ ଅସରପା ଗୋଡ ବାହାରିଥିଲା। ପୂର୍ବ ଶନିବାର ଝିଟିପିଟି ଲାଞ୍ଜ ବାହାରିଥିଲା। ଆଜି ଆସିଥିବା ମଟର ତରକାରୀରେ ପଚା ଆଳୁ ପଡିଥିଲା। ସାର୍ ?, ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆମେ ବି ଚାଖିଲୁ। ବାସି ଭାତ ଓ ତରକାରୀ ଆସିଥିବା ଜାଣିବା ପରେ ସବୁ ଖାଦ୍ୟକୁ ରାସ୍ତାରେ ଢାଳି ଦେଲୁ।ଅଭିଭାବକ ସୁମିତ୍ରା ମଣ୍ଡଳ କହିଛନ୍ତି, ଆମ ପିଲାମାନେ ବଦମାସୀ କରି ସ୍କୁଲ ମଧ୍ୟାହ୍ନ ଭୋଜନ ଭଲ ନୁହେଁ କହୁଥିବା ଆଶଙ୍କା କରି, ଆଜି ସ୍କୁଲରେ ପହଞ୍ଚି ଭାତ ଓ ତରକାରୀ ଦେଖିବା ସହ ଚାଖିଥିଲୁ। ଚାଖିଲା ପରେ ସେମାନଙ୍କୁ ବାସି ଖାଦ୍ୟ ଦିଆଯାଉଥିବା ଜଣାପଡିଥିଲା। ସରକାର ଯଦି ଭଲ ଖାଦ୍ୟ ଦେଉଛନ୍ତି, ତେବେ ପ୍ରତ୍ୟେକ ଦିନ ଆସି ଖାଦ୍ୟ ଖାଇକି ଦେଖନ୍ତୁ। ପିଲାମାନଙ୍କୁ କେଉଁ ଟାଇପ୍ ?ର ଖାଦ୍ୟ ଦିଆଯାଉଛି ସରକାର ନିଜେ ଆସି ଦେଖନ୍ତୁ। ଯଦି ସ୍କୁଲରେ ଏଭଳି ଆମ୍ବିଳା ଓ ବାସି ଖାଦ୍ୟ ଦେବେ, ଆମର ପିଲାମାନେ ଖାଇବା ଦରକାର ନାହିଁ। ଦବାର ଅଛି ତ ଶୁଖିଲା ଖାଦ୍ୟ ଦିଅନ୍ତୁ। ସ୍କୁଲରେ ଆମେ ରୋଷେଇ କରି ଆମେ ପିଲାମାନଙ୍କୁ ଖାଇବାକୁ ଦବୁ। ନଚେତ କିଛି ବି ଦେବା ଦରକାର ନାହିଁ। ଆମେ ପିଲାମାନଙ୍କ ପାଇଁ ଘରୁ ଟିଫିନ୍ ଆଣି ଦେଇକି ଯିବୁ। ଘର ଖାଦ୍ୟ ଖାଇବେ। ସ୍କୁଲରେ ପାଠପ ? ସୁସ୍ଥରେ ଘରକୁ ଫେରିବେ। ଆଗକୁ ଏଭଳି ଖାଦ୍ୟ ଦେଲେ ଫେରାଇ ଦେବୁ, ନଚେତ୍ ରାସ୍ତାରେ ଢାଳି ଦେବୁ।ଅଭିଭାବକ ରାଜାରାମ କଳା କହିଛନ୍ତି, ମଧ୍ୟାହ୍ନ ଭୋଜନରେ ଖରାପ ଅଣ୍ଡା ଖାଇବାକୁ ଦିଆଯାଉଛି। ଏଭଳି ଖାଦ୍ୟ ବାଣ୍ଟିବାରେ ଯେଉଁ ଅଫିସର ଲିପ୍ତ ଅଛନ୍ତି, ସେମାନଙ୍କୁ ପ୍ରଥମେ ଏହି ଖାଦ୍ୟ ଖାଇବାକୁ ଦିଆଯାଉ। ପିଲାଙ୍କୁ ଭଲ ଖାଦ୍ୟ ଦିଆ ନ ଗଲେ ଆଗକୁ ଆନ୍ଦୋଳନ କରାଯିବ। ପୂର୍ବରୁ ଏହି ବିଦ୍ୟାଳୟରେ ରୋଷେଇ କରି ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା । ପିଲାମାନେ ଗରମ ଗରମ ଖାଦ୍ୟ ଖାଉଥିଲେ। ଗତ ସପ୍ତାହେ ହେବ ବିଦ୍ୟାଳୟରେ ରୋଷେଇ ବନ୍ଦ କରାଯାଇଛି। ବାହାରୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗାଡି ଯୋଗେ ଖାଦ୍ୟ ପଠାଯାଉଛି। ଏହି ଖାଦ୍ୟ ଅତି ନିମ୍ନମାନର ବୋଲି ସେ କହିଛନ୍ତି ।ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଗୌରୀଲତା କଳା କହିଛନ୍ତି, ବାସିଭାତ ଓ ତରକାରୀ ପଠାଯାଉଛି। ଆମକୁ ଅଭିଭାବକମାନେ ଜଣାଇବା ପରେ ଆମେ ଶିକ୍ଷକଙ୍କୁ ଜଣାଇଲୁ। ଶିକ୍ଷକ କହିଥିଲେ, ବିଇଓଙ୍କୁ ଜଣାନ୍ତୁ। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଆମେ କିଛି ଆକ୍ସନ ନେବୁ। ପୂର୍ବରୁ ମଧ ବାସି ଓ ଖରାପ ଖାଦ୍ୟ ଆସିଥିଲା। ତେବେ ତାକୁ ଫେରାଇ ଦିଆଯାଇଥିଲା। ଆଜି ପୁଣି ନଷ୍ଟ ହୋଇଯାଇଥିବା ଖାଦ୍ୟ ଆସିଥିଲା। ଏହି ଖାଦ୍ୟକୁ ଶିକ୍ଷକ ଓ ଅଭିଭାବକମାନେ ଚାଖିଥିଲେ। ଏହା ପରେ ଆମେ ସେ ଖାଦ୍ୟକୁ ଢାଳି ଦେଲୁ। ଉକ୍ତ ଖାଦ୍ୟକୁ କୁକୁର ବି ଛୁଇଁଲାନି ।ଛାତ୍ରଛାତ୍ରୀମାନେ କହିଛନ୍ତି, ତରକାରୀରେ ପଡୁଥିବା ବାଇଗଣରୁ ପୋକ ବାହାରୁଛି। କେତେବେଳେ ଅସରପା ଗୋଡ ବାହାରୁଛି। ପଚା ଆଳୁରେ ତିଆରି ବାସି ତରକାରୀ ଦିଆଯାଉଛି। ସେମାନେ ଏହାକୁ ଖାଇବେ ନାହିଁ। ଖାଇଲେ ରୋଗରେ ପଡିବେ।ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀଙ୍କୁ ପଠାଇ ଘଟଣାର ତଦନ୍ତ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରକାଶ ପାଇଲା ସିବିଏସ୍ଇ ଦଶମ ଓ ଦ୍ୱାଦଶ ରେଜଲ୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨ା୭(ପି.ଏନ): ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ରେଜଲ୍ଟ ପ୍ରକାଶ ପାଇଛି। ଦଶମ ଶ୍ରେଣୀରେ ପାସ୍ ହାର ୯୪.୪୦% ରହିଛି। ଚଳିତବର୍ଷ ଦଶମ ଶ୍ରେଣୀରେ ୨୧,୦୯,୨୦୮ ଜଣ ପିଲା ପରୀକ୍ଷା ପାଇଁ ପଞ୍ଜିକରଣ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ୨୦,୯୩,୯୭୮ ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୯,୭୬,୬୬୮ ଜଣ ପିଲା ପାସ କରିଛନ୍ତି। ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ। ୯୫.୨୧% ଛାତ୍ରୀ ପରୀକ୍ଷାରେ ପାସ୍ ହୋଇଥିବା ବେଳେ ପୁଅଙ୍କ ପାସ ହାର ୯୩.୮୦ ରହିଛି। ସେହିପରି ଟ୍ରାନ୍ସଜେଣ୍ଡର ଶିକ୍ଷାର୍ଥୀଙ୍କ ପାସ ହାର ୯୦% ରହିଛି। ୬୩ ହଜାର ପିଲା ୯୫%ରୁ ଅଧିକ ମାର୍କ ରଖିଥିବା ବେଳେ ୨.୩୬ ଲକ୍ଷ ପିଲା ୯୦%ରୁ ଅଧିକ ମାର୍କ ହାସଲ କରିଛନ୍ତି। କେରଳର ତ୍ରିବେନ୍ଦ୍ରମ ରିଜିନରେ ସର୍ବାଧିକ ୯୯.୬୮% ପିଲା କୃତକାର୍ଯ୍ୟ ହୋଇଛନ୍ତି। ସବୁଠାରୁ କମ ପାସ ହାର ଗୌହାଟୀ ରିଜନରେ ଦେଖିବାକୁ ମିଳିଛି। ଏଠାରେ ୮୨.୨୩% ପିଲା ପାସ କରିଛନ୍ତି।ଭୁବନେଶ୍ୱର ରିଜନରେ ପାସ ହାର ୯୬.୪୬% ରହିଛି। ସେହିପରି ପାସ ହାର ଦୃଷ୍ଟି କୋଣରୁ ଭୁବନେଶ୍ୱର ୭ନଂ ସ୍ଥାନରେ ରହିଛି। ଭୁବନେଶ୍ୱର ତଳେ ଦିଲ୍ଲୀ ଇଷ୍ଟ(୮୬.୯୬%) ଓ ଦିଲ୍ଲୀ ୱେଷ୍ଟ(୮୫.୯୪%) ରହିଛନ୍ତି। ସେହିପରି ସିବିଏସ୍ଇ ଦ୍ୱାଦଶା ପରୀକ୍ଷାରେ ପାସ୍ ହାର ୯୨.୭୧% ହୋଇଥିବା ଜଣାପଡ଼ିଛି। ସେଥିରୁ ଝିଅମାନଙ୍କର ପାସ୍ ହାର ୯୪.୫୪% ଥିବା ବେଳେ ପୁଅମାନଙ୍କର ପାସ୍ ହାର ୯୧.୨୫% ହୋଇଛି। ଉକ୍ତ ପରୀକ୍ଷାରେ ୯୮.୮୩% ରଖି ତ୍ରିଭାନ୍ଦ୍ରମ୍ ଅଂଚଳ ସବୁଠୁ ଭଲ କରିଥିବା ବେଳେ ୮୩.୭୧% ରଖି ପ୍ରୟାଗରାଜ ଅଂଚଳ ସବୁଠୁ ଖରାପ କରିଛି। ପରୀକ୍ଷା ଦେବା ପାଇଁ ସମୁଦାୟ ୧୪୪୪୩୪୧ ଜଣ ପରୀକ୍ଷାର୍ଥୀ ପଞ୍ଜିକରଣ କରିଥିବା ବେଳେ ୧୪୩୫୩୬୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୧୩୩୦୬୬୨ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ ହାର ୯୪.୫୪% ଥିବା ବେଳେ ୯୧.୨୫% ଛାତ୍ର ପାସ୍ କରିଛନ୍ତି। ୩୩ ହଜାର ପିଲା ୯୫%ରୁ ଅଧିକ ମାର୍କ ରଖିଥିବା ବେଳେ ୯୦%ରୁ ଅଧିକ ମାର୍କ ରଖିଥିବା ପିଲାଙ୍କ ସଂଖ୍ୟା ୧.୩୪ ଲକ୍ଷ। ୨୦୨୧ ତୁଳନାରେ ପାସ ହାର ୨୦୨୨ରେ ହ୍ରାସ ପାଇଛି। ୨୦୨୧ରେ ପାସ ହାର ୯୯.୩୭% ଥିଲା। ଏଥର ଏହା ୯୨.୭୧%କୁ ଖସିଛି ।ଛାତ୍ରଛାତ୍ରୀମାନେ cbse.gov.in. cbseresults.nic.in, parikshasangam.cbse.gov.in ଓ results.cbse.nic.in ୱେବସାଇଟ୍ ମାଧ୍ୟମରେ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ଏହା ବ୍ୟତୀତ ଏସଏମଏସ୍ କରି ମଧ୍ୟ ରେଜଲ୍ଟ ପାଇପାରିବେ ଛାତ୍ରଛାତ୍ରୀ।

## ୧୦ ଦିନ ପରେ ଆନ୍ଧ୍ରକୁ ଯାନବାହାନ ଚଳାଚଳ ସ୍ୱାଭାବିକ ହେଲା

ମାଲକାନଗିରି, ୨୨ା୭(ପି.ଏନ): ମୋଟୁ ଠାରୁ ୧୦ କି.ମି. ଦୂର ଆନ୍ଧ୍ରର ଚିନ୍ତୁର ନିକଟରେ ଥିବା ପୋଲ ତଳକୁ ବନ୍ୟା ପାଣି ଖସିବା ପରେ ଆଜି ୩୨୬ନଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇପାରିଛି । ମାଲକାନଗିରି ଠାରୁ ମୋଟୁ ଦେଇ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଏହି ରାଜପଥରେ ଦୀର୍ଘ ୧୦ ଦିନ ହେଲା ବନ୍ୟା ପାଣି ଚାଲୁଥିବାରୁ ଏହି ରାଜପଥ ଦେଇ କୌଣସି ଗାଡି ଚଳାଚଳ କରୁନଥିଲା। ଫଳରେ ମୋଟୁ ଓ ଚିନ୍ତୁର ନିକଟରେ ଶତାଧିକ ଯାନବାହନ ଉଭୟ ପଟେ ଫସି ରହିଥିଲେ । ପ୍ରବଳ ବର୍ଷା ଯୋଗୁଁ ଗୋଦାବରୀ ନଦୀରେ ବନ୍ୟା ଆସିଥିଲା । ଗୋଦାବରୀ ନଦୀରେ ବନ୍ୟା ଆସିବା ଯୋଗୁଁ ଗୋଦାବରୀ ନଦୀର ଜଳସ୍ତର ବୃଦ୍ଧି ପାଇ ଭଦ୍ରାଚଂଳମ୍ ନିକଟରେ ବିପଦ ସଂକେତ ଠାରୁ ୧୮ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହୋଇଥିଲା । ଫଳରେ ଏହାର ଉପର ମୁଣ୍ଡରେ ଥିବା ମାଲକାନଗିରି ଜିଲ୍ଲାର ମୋଟୁ ନିକଟରେ ଥିବା ସିଲେରୁ ଓ ସାବେରୀ ନଦୀର ଜଳସ୍ତର ବୃଦ୍ଧି ପାଇ ମୋଟୁ ଗ୍ରାମ ଭିତରେ ପ୍ରବେଶ କରି ଘରଦ୍ୱାର ବୁଡ଼ାଇ ଦେଇଥିଲା । ଏଥି ସହିତ ମୋଟୁ ଠାରୁ ଚିନ୍ତୁର ଦେଇ ଆନ୍ଧ୍ରକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥର କୁଇଗୁର ଓ କାଲେରୁ ନିକଟରେ ଜାତୀୟ ରାଜପଥ ବନ୍ୟା ପାଣିରେ ଦୀର୍ଘ ୧୦ ଦିନ ହେଲା ବୁଡ଼ି ରହିଥିଲା ।

## ସହିଦ ସପ୍ତାହ ପୂର୍ବରୁ ହିଂସା : ମାଲକାନଗିରି ଜିଲ୍ଲା ସୀମାନ୍ତରେ ଜଣକୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୨୨ା୭(ପି.ଏନ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟରେ ମାଓବାଦୀଙ୍କ ସହିଦ ସପ୍ତାହ ପୂର୍ବରୁ ମାଓବାଦୀ ମାନେ ଘରେ ପଶି ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ଛତିଶଗଡ଼ ପୋଲମପାଲି ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ପରିବାର ଲୋକଙ୍କ ସମ୍ମୁଖରେ ମାଓବାଦୀମାନେ ମାଡକମ ଜଗାଙ୍କୁ ପିଟିପିଟି ହତ୍ୟା କରିଛନ୍ତି । ମୃତ ମାଡକମ ଜଗା ପୋଲମପାଲି ଗାଁର ଜଣେ ଦୋକାନୀ ବୋଲି ଜଣାପଡିଛି। ଏତିକିରେ ମାଓବାଦୀମାନେ ସନ୍ତୁଷ୍ଟ ହୋଇନଥିଲେ । ହତ୍ୟା ପରେ ସେମାନେ ମୃତକଙ୍କ ଗାଡ଼ିରେ ନିଆଁ ଲଗାଇ ଦେଇ ଚାଲିଯାଇଥିଲେ । ହତ୍ୟାକାଣ୍ଡ ଘଟାଇ କୋଣ୍ଟା ଏରିଆ କମିଟି ଘଟଣାସ୍ଥଳରେ ପୋଷ୍ଟର ମାରି ଯାଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଛି ।

## ୨୮ରେ ଓଡିଶା ଆସିବେ ନିତି ଆୟୋଗ ଉପାଧକ୍ଷ

ଭୁବନେଶ୍ୱର,୨୨ା୭(ପି.ଏନ): ଆସନ୍ତା ୨୮ତାରିଖରେ ନିତି ନିୟୋଗ ଉପାଧକ୍ଷ ସୁମନ ବେରୀ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ନିତି ଆୟୋଗ ଉପାଧକ୍ଷ ନିଜର ଏକ ଟିମ୍ ସହ ଓଡିଶା ଗସ୍ତରେ ଆସି ରାଜ୍ୟ ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସଙ୍ଗେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାପଡିଛି । ନିତି ଆୟୋଗ ଉପାଧକ୍ଷଙ୍କ ଓଡିଶା ଗସ୍ତକୁ ଦୃଷ୍ଟିରେ ରଖି ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି । ମିଳିଥିବା ସୂଚନା ଅନୁସାରେ, ନିତି ଆୟୋଗ ଉପାଧକ୍ଷ ସୁମନ ବେରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡିଶା ଗସ୍ତରେ ଆସି ରାଜ୍ୟ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ବିଚାରବିମର୍ଶ କରିବେ । ନିତି ଆୟୋଗଙ୍କ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ଶିଳ୍ପପତି, ଶିକ୍ଷାବିତ୍ ଓ ସିଭିଲ ସୋସାଇଟି ସଦସ୍ୟମାନଙ୍କ ସହ ରାଜ୍ୟ ତଥା ଦେଶର ବିକାଶ ପ୍ରସଙ୍ଗରେ ବିଚାରବିମର୍ଶ କରିବେ ଓ




ମତାମତ ନେବେ ।ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ବିଚାର ପାଇଁ ପଡି ରହିଥିବା ରାଜ୍ୟର ଉନ୍ନୟମୂଳକ ପ୍ରକଳ୍ପ ଆଦି ପ୍ରସଙ୍ଗଗୁଡିକ ସମ୍ପର୍କରେ ମଧ ନିତି ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରି ତା'ର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିସ୍ତୃତ ଭାବେ ପ୍ରସ୍ତୁତି ଚାଲିଥିବା ଜଣାପଡିଛି । ଏପରିକି ବିଭିନ୍ନ ବିଭାଗକୁ ନିଜ ନିଜର ସଫଳତା ଓ ଭାରତ ସରକାରରେ ପଡି ରହିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଜୁଲାଇ ୨୫ତାରିଖ ସୁଦ୍ଧା ତଥ୍ୟ ଦେବାକୁ ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି ।ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ମାସରେ ନିତି ଆୟୋଗର ତତକାଳୀନ ଉପାଧକ୍ଷ ରାଜୀବ କୁମାରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ ୩ଦିନିଆ ଓଡିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ଶିଳ୍ପପତି ଏବଂ ସିଭିଲ ସୋସାଇଟି ସଦସ୍ୟଙ୍କୁ ଭେଟି ରାଜ୍ୟ ତଥା ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ବିଚାରବିମର୍ଶ କରିଥିଲେ ।ଗତ ମେ' ୧ ତାରିଖରେ ନିତି ଆୟୋଗ ଉପାଧକ୍ଷ ଦାୟିତ୍ୱ ନେବାପରେ ସୁମନ ବେରୀଙ୍କ ଏହା ପ୍ରଥମ ଓଡିଶା ଗସ୍ତ ।

## ସି.ବି.ଏସ୍.ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଡି.ଏ.ଭି କଳିଙ୍ଗ ନଗରର ଛାତ୍ରଛାତ୍ରୀଙ୍କ ଅଭୁତପୂର୍ବ ସଫଳତା



ଭୁବନେଶ୍ୱର,(ପି.ଏନ): କେନ୍ଦ୍ରୀୟ ଶିକ୍ଷାବୋର୍ଡ ଦ୍ୱାରା ପ୍ରକାଶିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଡି.ଏ.ଭି କଳିଙ୍ଗ ନଗର ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ପାସ୍ ହାର ୧୦୦ପ୍ରତିଶତ ସହ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥି ସହ ସର୍ବାଧିକ ବ୍ୟକ୍ତିଗତ ପ୍ରତିଶତ ବିଜ୍ଞାନରେ ୯୭.୬୦ ଏବଂ ବାଣିଜ୍ୟରେ ୯୬.୬୦ ରହିଛି ।ବିଜ୍ଞାନ ବିଭାଗରେ ୭୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧.୨୬ ପ୍ରତିଶତ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ନମ୍ବର, ୩୬.୬୧ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ତଥା ୮୩.୦୯ ପ୍ରତିଶତ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁଅଧିକ, ୧୦୦ ପ୍ରତିଶତ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନରେ ଇପସିତା ପାତ୍ର ୯୭.୬୦ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ, ସତ୍ୟମ ସ୍ନିଗ୍ଧୋଦୟ ନାୟକ ୯୭.୮୦ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନରେ ଓ ଆଦ୍ୟାଶା ପ୍ରିୟଦର୍ଶିନୀ ଆଚାର୍ଯ୍ୟ ୯୬.୪୦ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବାଣିଜ୍ୟରେ ୨୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୯.୫୬ ପ୍ରତିଶତ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୦୦ ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତ ରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି । ଲିପ୍ସିତାସାହୁ ୯୬.୬୦ ପ୍ରତିଶତ ରଖି ପ୍ରଥମ ସ୍ଥାନ, ଶୁଭମ୍ ଶେଖର ଜେନା୯୪.୮୦ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଏବଂ ରଶ୍ମିପ୍ରଭା ଦାସ୯୩.୮୦ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟର ବିଜ୍ଞାନ ବିଭାଗର ସାମଗ୍ରୀକ ହାର ୮୬.୭୪ ଏବଂ ବାଣିଜ୍ୟରେ ସାମଗ୍ରୀକ ହାର ୮୩.୧୨ହୋଇଛି । ଏହି ସଫଳତା ନିମନ୍ତେ ବିଦ୍ୟାଳୟ ପରିଚାଳନା ସମିତିର ଅଧକ୍ଷ ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା, ଡି.ଏ.ଭି ବିଦ୍ୟାଳୟ ସମୂହ ଓଡ଼ିଶା ଜୋନ୍ -୧ର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି. ଶତପଥୀଓ ବିଦ୍ୟାଳୟର ଅଧକ୍ଷ ଶ୍ରୀ ବିପିନ୍ କୁମାର ସାହୁକୃତୀ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

## ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ଫଳ : କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,(ପି.ଏନ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍କୁଲ୍ର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ସହିତ ଚଳିତବର୍ଷ ଜେଇଇ ଟପପର ହୋଇଥିବା ସ୍କୁଲର ଦିବ୍ୟାଂଶୁ ମଲ୍ଲ ଗଣିତ, ପଦାର୍ଥ ବିଜ୍ଞାନ ଓ ରାସାୟନିକ ବିଜ୍ଞାନରେ ୧୦୦ ନମ୍ବର ଲେଖାଏଁ ରଖିଛନ୍ତି। ସ୍କୁଲ୍ର ଛାତ୍ରୀ ବିଶାଖା ରାଉତ କଳାରେ ସର୍ବାଧିକ



୯୯.୪ ପ୍ରତିଶତ ନମ୍ବର ଓ ବାଣିଜ୍ୟରେ ରୋନୀତ ପାତ୍ର ସର୍ବାଧିକ ୯୯.୨ ପ୍ରତିଶତ ନମ୍ବର ରଖି ଉଭୟ ଆଞ୍ଚଳିକ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ପ୍ରଥମ ପ୍ରତୀକ ମହାନ୍ତି ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ସ୍କୁଲ୍ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୬ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ଓ ଜାତୀୟସ୍ତରରେ ମଧ ସଫଳତା ହାସଲ କରିଆସୁଛନ୍ତି।

## ପୋଲ ନିର୍ମାଣ କାର୍ଯ୍ୟରେ ବିଳମ୍ବ : ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ୨୫ ପରିବାର

ସାଲେପୁର, ୨୨ା୭(ପି.ଏନ): କଟକ ଜିଲା ମାହାଙ୍ଗା ବ୍ଲକର ପୋଡାମରାଇ ଓ ପାଇକରାପୁର ଗ୍ରାମପଂଚାୟତର ସୀମାବର୍ତୀ ଅଂଚଳ ଯାହାକି ପୋଡାମରାଇ ପଂଚାୟତର ଏରକଣା ଗ୍ରାମର ଝିଙ୍କଡି ପଡା ଗ୍ରାମ । ଏଠାରେ ୨୦ରୁ ୨୫ ପରିବାର ଦୀର୍ଘଦିନ ଧରି ବସବାସ କରୁଛନ୍ତି । ଯାତାୟତ କରିବା ପାଇଁ ମୁଖ୍ୟ ରାସ୍ତା ଉପରେ ଜିରା ପୋଡାମରାଇ ଡ୍ରେନେଜ୍ କଟ୍ ନଂ ୨୪ ଉପରେ ନୂତନ ସେତୁର ଶିଳାନ୍ୟାସ ତା୦୯.୦୪.୨୦୨୨ରିଖରେ ପାଇକରାପୁର ଠାରେ ମାହାଙ୍ଗାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କରିବା ପରେ ଠିକାଦାର ଜଣକ କାର୍ଯ୍ୟ ଆରମ୍ଭ କରିଥିଲେ । କାର୍ଯ୍ୟ ଆରମ୍ଭ ପୂର୍ବରୁ ଗ୍ରାମବାସୀମାନେ ଠିକାଦାରଙ୍କୁ ଜଣାଇଥିଲେ ଯେ, ବର୍ଷାଦିନ ପୂର୍ବରୁ ପୋଲ କାର୍ଯ୍ୟ ସରିବା ନିତ୍ୟାନ୍ତ ଆବଶ୍ୟକ । ହେଲେ ଠିକାଦାର ଜଣକ ପୋଲ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ କରିବାରୁ ଉକ୍ତ ପାଟନାଳୀରେ ବର୍ଷା ପାଣି ଆସିବାରୁ ବର୍ତମାନ ପୋଲ ନିର୍ମାଣ କାର୍ଯ୍ୟବନ୍ଦ ରହିଛି । ୭୬ ଲକ୍ଷ ଟଙ୍କା ବ୍ୟୟରେ ଏହି ପୋଲ କାର୍ଯ୍ୟ କରାଯାଉଥିବା ଚର୍ଚ୍ଚା ହେଉଛି ।ଅପରପକ୍ଷରେ ଝିଙ୍କଡିପଡା ଗ୍ରାମରେ ବସବାସ କରୁଥିବା ପରିବାରମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ସେମାନଙ୍କର ପିଲାମାନେ ବିଦ୍ୟାଳୟ କିମ୍ବା କଲେଜକୁ ପାଠ ପଢିବାକୁ ଯାଇପାରୁ ନାହାଁନ୍ତି । ସାଧାରଣ ଲୋକ ଉକ୍ତ ରାସ୍ତା ଦେଇ ଯିବା ସମ୍ଭବପର ହେଉନାହିଁ । ଏହି ଅଂଚଳକୁ ଥିବା ବିକଳ୍ପ ରାସ୍ତାଟି ପାଟ ମଝିରେ ରହିଥିବାରୁ ଏହା ବେଶୀ ଜଙ୍ଗଲରେ ପରିପୂର୍ଣ୍ଣ । ଯାହା ଫଳରେ ପିଲାମାନେ ଯାତାୟତ କରିବା ଅସମ୍ଭବ ହୋଇପଡିଛି । ସ୍କୁଲ ଗୋଟିଏ ପଟେ ରହୁଥିଲା ବେଳେ ପୋଲ ନଥିବାରୁ ପିଲାଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇପଡିଛି । ଏଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦାବି ହେଉଛି ।

## ଚାରି ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

*ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ହେବେ ସାମିଲ*

ଭୁବନେଶ୍ୱର, ୨୨ା୭(ପି.ଏନ): ଶନିବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତରେ ଯିବେ । ସେଠାରେ ସେ ଆଗାମୀ ୨୫ ତାରିଖ ଦିନ ହେବାକୁ ଥିବା ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜଣା ପଡିଛି ।

## ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୨ା୭(ପି.ଏନ): ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଂଚଳରେ ଥିବା ଘୂର୍ଣ୍ଣିବଳୟ ବର୍ତମାନ ଉତର ଓଡ଼ିଶା ଏବଂ ପଡ଼ୋଶୀ ଅଂଚଳ ଉପରେ ଅବସ୍ଥିତ ରହିଛି। ଏହା ସମୁଦ୍ର ପତନଠାରୁ ୫.୮ କିଲୋମିଟର ଉଚ୍ଚତାରେ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର କଳାହାଣ୍ଡି, କନ୍ଧମାଳ, ବୌଦ୍ଧ ଓ ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ଏହି ସମୟ ମଧ୍ୟରେ କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢ଼େଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୩ରୁ ୨୪ ତାରିଖ ମଧ୍ୟରେ ସୁନ୍ଦରଗଡ, ବରଗଡ ଓ ଝାରସୁଗୁଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଦେବଗଡ, ସମ୍ବଲପୁର, ନୂଆପଡା, ବଲାଙ୍ଗିର , କଳାହାଣ୍ଡି, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟଣ୍ଡ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନନ୍ତ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତଣ୍ଡ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଣ୍ଡ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଣ୍ଡ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲବେଜ୍ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପ୍ରଦେଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଗଳିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷ୍ଯୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିରେ ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁରେ ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ବେଳହୁଁ ସାବଧାନ ହେବା ଉଚିତ

**ସୁବାସ ଷଡଙ୍ଗୀ**



କରୋନା ରୋଗୀଙ୍କ ସଂଖ୍ୟା ନିରନ୍ତର ବଢିବାରେ ଲାଗିଛି । ଜୁନ ମାସର ଶେଷ ସପ୍ତାହରୁ ଏହାର ସ୍ପଷ୍ଟ ଇଙ୍ଗିତ ମିଳିସାରିଛି । ବିଶେଷ କରି ଭୁବନେଶ୍ୱର ସମେତ ଖୋରଧା ଜିଲ୍ଲାରେ ଏହାର ସଂକ୍ରମଣ ଦ୍ରୁତଗତିରେ ବଢିଚାଲିଛି । ଯାହା ଜଣାପଡୁଛି ଆମ ସ୍ୱାସ୍ଥ୍ୟ ବିଭାଗ ଆଖିବୁଜି ଦେଇଛି । ମନ୍ତ୍ରୀଙ୍କ ଟୁଇଟ ତିନି ନିର୍ଦ୍ଦେଶକଙ୍କର (ଜନସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟସେବା ଓ ପରିବାର କଲ୍ୟାଣ) ଟେଲିଭିଜନ ଆଗରେ ଟିପ୍ପଣୀ, ଏହା ପ୍ରତିପାଦିତ କରେ ।

ଏହାଭିତରେ ବିଏମସି ଏବଂ ସିଏମସି ସଭିଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶନାମା ଜାରି କରିଛି । ପୁରୀରେ ରଥଯାତ୍ରା ଚାଲିଥିବାବେଳେ ମନ୍ତ୍ରୀ ଘୋଷଣା କରିଥିଲେ, ଆମେ ସମସ୍ତଙ୍କୁ ମାସ୍କ ଦେବୁ । ପ୍ରାୟ ଦଶଲକ୍ଷ ଲୋକଙ୍କୁ ମାସ୍କ ଦିଆଯିବା କଥା କହିଥିଲେ । କିନ୍ତୁ ସୁନାବେଶ ଶେଷ ହେବା ପରେ କେତେ ଲୋକ ମାସ୍କ ପିନ୍ଧିଥିଲେ, ସେ କଥା କେବଳ ମନ୍ତ୍ରୀ ହିଁ କହିପାରିବେ । ପୁରୀରେ ରଥଯାତ୍ରା କରିବାକୁ ଅନୁମତି ଦେଲେ, ଠିକ ଅଛି, କିନ୍ତୁ ଏହାସହ ବିଭିନ୍ନ ସହରରେ ରଥଯାତ୍ରା କରିବାକୁ ଜିଲ୍ଲା ପ୍ରଶାସନ ଅନୁମତି ଦେବାରୁ ତା'ର ପରିଣତି ଆମକୁ ଭୋଗ କରିବାକୁ ପଡୁଛି ।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କେବଳ ପରାମର୍ଶ ଦେବାରେ ବ୍ୟସ୍ତ । ଯଦିଓ ଆକ୍ରାନ୍ତଙ୍କ ସଂଖ୍ୟା ବଢିଛି, କିନ୍ତୁ ବେଶି ଗୁରୁତର ହେଉନାହାନ୍ତି । କିନ୍ତୁ ନୂଆ ଷ୍ଟ୍ରେନ କେତେ କ୍ଷତି କରିପାରିବ, ସେ ବିଷୟରେ ନିର୍ଦ୍ଦେଶକ ଚୁପ । ନିରନ୍ତର ବଢୁଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟାକୁ କିପରି ଆମେ ଅବହେଳା କରିପାରିବା ?

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହୁଛନ୍ତି, ଏବେ ଜ୍ୱର କାରଣରୁ ଶତକଡା ତିରିଶ ଭାଗ ପିଲା ସ୍କୁଲକୁ ଯାଉନାହାନ୍ତି । କଥାଟି ନିଶ୍ଚିତଭାବେ ଗୁରୁତର । କାରଣ ବାର ବର୍ଷରୁ କମ୍ ପିଲାମାନଙ୍କୁ ଏପର୍ଯ୍ୟନ୍ତ ଟୀକା ଦିଆଯାଇପାରିନାହିଁ । ଏଣୁ ପିଲାମାନେ ସବୁଠୁ ଅଧିକ ବିପଦରେ । ଏ ସମୟରେ କେବଳ କରୋନା ନୁହେଁ ତା' ସହିତ ଡେଙ୍ଗୁ, ଚିକନଗୁନିଆ, ମ୍ୟାଲେରିଆ ଏବଂ ସାଧାରଣ ଥଣ୍ଡା ଜ୍ୱର ମଧ୍ୟ ରହିଛି । ପିଲାଙ୍କ ଉପରେ ସବୁଠୁ ଅଧିକ ନଜର ଦିଆଯିବା ଦରକାର । ଏହାସହିତ ଗାଁଗହଳି ଓ ସହରର ଗଳିକନ୍ଦିରେ ରଥଯାତ୍ରା ହେବାଦ୍ୱାରା ପୁଣି ଥରେ ସହଜରେ କରୋନା ବ୍ୟାପିବାର ଭୟ ଦେଖାଦେଇଛି ।



ବିଶେଷଜ୍ଞମାନେ କହୁଛନ୍ତି, ପିଲାମାନଙ୍କର ରୋଗପ୍ରତିରୋଧକ ଶକ୍ତି ଅଧିକ । ତେଣୁ ସେମାନେ ଏତେ ସହଜରେ ଗୁରୁତର ହେବେନାହିଁ । କିନ୍ତୁ ଆମକୁ ମନେରଖିବାକୁ ହେବ, ପିଲାମାନେ ଯଦି କରୋନା ସଂକ୍ରମିତ ହୁଅନ୍ତି, ତେବେ ଘରର ବୟସ୍କମାନେ ମଧ୍ୟ ସଂକ୍ରମିତ ହେବେ । ଏପରି ଅବସ୍ଥାରେ ଜନସ୍ୱାସ୍ଥ୍ୟ ବିଭାଗ ସଚେତନ ଓ ସତର୍କ ନହେଲେ ଆମକୁ ତା'ର ପରିଣାମ ଭୋଗ କରିବାକୁ ପଡିବ । ସ୍ୱାସ୍ଥ୍ୟ ବିଭାଗ କହୁଛି, ସାଧାରଣ ଲୋକେ କୋଭିଡ ନିୟମକୁ ମାନୁନାହାନ୍ତି । କଥାଟି ସତ । କିନ୍ତୁ ନିୟମ ଭାଙ୍ଗିବା ପାଇଁ ତ' ସରକାର ସବୁପ୍ରକାରର ପରିବେଶ ସୃଷ୍ଟି କରୁଛନ୍ତି । ବିଭିନ୍ନ ଯାତ୍ରା ମହୋତ୍ସବ ପାଳନ କରିବା, ଲୋକମାନେ ଏକାଠି ହେବା ଭଳି ଘଟଣା ଘଟିବାକୁ ଆମେ ଛାଡି ଦେଉଛୁ । ବଡ କଥାଟି ହେଲା, ଟୀକାକରଣରେ ଶିଥିଳତା । ଯାହା ପରିବାର କଲ୍ୟାଣ ନିର୍ଦ୍ଦେଶକ କହନ୍ତି, ଏ ପର୍ଯ୍ୟନ୍ତ ମାତ୍ର କରୋନା ଯୋଦ୍ଧା, ଶତକଡା ପଚାଶ ଭାଗ ପ୍ରିକସନ ଡୋଜ ନେଇଛନ୍ତି । ଯଦି ସେବା ପ୍ରଦାନକାରୀ କର୍ମଚାରୀ ଓ ଡାକ୍ତର ଏହି ଡୋଜ ନେବାକୁ ଚାହାନ୍ତି ନାହିଁ, ତେବେ ସାଧାରଣ ଲୋକ କିପରି ଆଗ୍ରହ ପ୍ରକାଶ କରିବେ ? କ'ଣ ପାଇଁ ଟୀକାକରଣରେ ଏପରି ଶିଥିଳତା ? ସରକାରୀ ଅବହେଳା ନା ମନୋବୃତ୍ତିର ଅଭାବ ? ବରିଷ୍ଠ ନାଗରିକମାନଙ୍କୁ ଟୀକା ଅଭାବରୁ ପ୍ରିକସନ ଡୋଜ ଦିଆଯାଇପାରୁନି । ତାହା ପୁଣି ଖୋରଧା ଜିଲ୍ଲାରେ । ସପ୍ତାହରେ ଦିନଟିଏ ମାତ୍ର ଦିଆଯାଉଛି । ଏଥିରୁ ପ୍ରଶାସନ କେତେଉତପର, ତାହା ଜଣାପଡିଯାଏ ।

ଜନସ୍ୱାସ୍ଥ୍ୟ ରକ୍ଷାକରିବାର ଦାୟିତ୍ୱ ସରକାରଙ୍କର । ଠିକ୍ ଯେମିତି ଶିକ୍ଷା । ତେଣୁ ନିୟମ ପ୍ରଣୟନ ସହିତ ତାହାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ହେଉଛି, ସରକାରଙ୍କ ଦାୟିତ୍ୱ । ଯଦି ସାଧାରଣ ଲୋକ ନିଜ ସ୍ୱାର୍ଥ କଥା ଚିନ୍ତା କରି ଗୋଷ୍ଠୀ ସ୍ୱାର୍ଥକୁ ଭୁଲିଯାଏ, ତେବେ ସେ କଥାଟି ମନେପକାଇଦେବା ହେଉଛି ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ । କିନ୍ତୁ ଯାହା ମନେହୁଏ ସ୍ୱାସ୍ଥ୍ୟ ବିଭାଗ ଧରିନେଉଛି, କିଛି ହୋଇନାହିଁ । ଆଉ ଯଦିବା କିଛି ହୁଏ, ହସ୍‌ପିଟାଲ ରେଡି-କହି ଦାୟିତ୍ୱ ଖସାଇଦେବା ।

କିନ୍ତୁ ଗତ ଦୁଇବର୍ଷ ଧରି କରୋନା ଆମକୁ କେଉଁ ଅବସ୍ଥାରେ ନେଇ ପହଁଚାଇଦେଇଛି, ସେ କଥା କାହାକୁ ଅଜଣା ନୁହେଁ । କରୋନା ସହିତ ଅନ୍ୟାନ୍ୟ ରୋଗର ସନ୍ଧିକ୍ଷଣ ସମୟ ଇଏ । ଏପରି ଅବସ୍ଥାରେ ସ୍ୱାସ୍ଥ୍ୟ ବିଭାଗ ଯେପରି ବେପରୁଆ ମନୋଭାବ ପ୍ରଦର୍ଶନ କରୁଛି, ତାହା ପୁଣିଥରେ ଆମକୁ ବିପଦମୁହଁକୁ ଠେଲି ଦେଲା ଭଳି ଲାଗୁଛି । ସ୍ୱାସ୍ଥ୍ୟ ବିଭାଗର ବଡପଣ୍ଡାମାନେ ଏଥିପ୍ରତି ଧ୍ୟାନ ଦେବା ଦରକାର ।

-ଭୁବନେଶ୍ୱର, ଓଡ଼ିଶା

# ସାଧନକେନ୍ଦ୍ର ସଂଯୋଜକଙ୍କୁ ଡେସ୍କଟପ୍ ବିତରଣ



କୋଣାର୍କ (ପିଏନ୍): ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟସାଧନ ତଥା ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ସାଧନକେନ୍ଦ୍ର ସଂଯୋଜକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସଂପ୍ରତି ପ୍ରତ୍ୟେକ କାର୍ଯ୍ୟରେ ଆଇସିଟିର ବ୍ୟବହାର ଜରୁରୀ ହୋଇପଡିଛି । ଏଥିପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧନକେନ୍ଦ୍ର ସଂଯୋଜକ (ସିଆରସିସି)ମାନଙ୍କୁ ଡେସ୍କଟପ୍ ଯୋଗାଇ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା ୧୪ଜଣ ସିଆରସିସିଙ୍କୁ ଡେସ୍କଟପ୍ ବିତରଣ କରିଛନ୍ତି । ଗୋପ ମଣ୍ଡଳ ଶିକ୍ଷା ବିଭାଗ ଅନ୍ତର୍ଗତ ୨୦ଟି କ୍ଲଷ୍ଟର ମଧ୍ୟରୁ ୫ବର୍ଷ କାର୍ଯ୍ୟକାଳ ସମାପ୍ତ ପରେ ମଧ୍ୟ ୭ବର୍ଷ ଧରି କାର୍ଯ୍ୟ କରୁଥିବା ୪ଜଣ ସିଆରସିସି, ସ୍ନାତକ ଶିକ୍ଷକ ରୂପେ ପ୍ରମୋଶନ ପାଇଥିବା ଜଣେ ଓ ବ୍ୟକ୍ତିଗତ ଅସୁବିଧା ଦର୍ଶାଇ ଦାୟିତ୍ୱରୁ ଇସ୍ତଫା ଦେଇଥିବା ଜଣେ ସିଆରସିସିଙ୍କୁ ଡେସ୍କଟପ୍ ପ୍ରଦାନ କରାଯାଇନାହିଁ । ଖୁବଶିଘ୍ର ଖାଲି ହୋଇଥିବା ୬ଜଣ ସିଆରସିସି ପଦବୀ ପୂରଣ କରାଯିବା ସହିତ ନୂତନ ସିଆରସିସିମାନଙ୍କୁ ଡେସ୍କଟପ୍ ଯୋଗାଇ ଦିଆଯିବ । ଏଥିସହ ଡାଏଟ୍ ପକ୍ଷରୁ ଗୋପ ବ୍ଲକର ସିଆରସିସିମାନଙ୍କୁ ଆସନ୍ତା ଏକ ସପ୍ତାହ ମଧ୍ୟରେ ଆଇସିଟି ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯିବ । ଡେସ୍କଟପର ବ୍ୟବହାର ଫଳରେ ତତ୍କାଳ ଅନଲାଇନ ତଥ୍ୟ ପ୍ରଦାନ ନିମନ୍ତେ ସିଆରସିସିମାନେ ସକ୍ଷମ ହୋଇପାରିବେ ବୋଲି ବିଇଓ ଶ୍ରୀ ବ୍ରହ୍ମା ପ୍ରକାଶ କରିଛନ୍ତି । ଗୋପ ନିକଟ କୁସୁପୁରସ୍ଥିତ ବିଇଓଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ଆୟୋଜିତ ଡେସ୍କଟପ୍ ବିତରଣ କାର୍ଯ୍ୟକ୍ରମରେ ବିଆରସିସି ବେଣୁଧର ମଲ୍ଲିକ, ଭାରପ୍ରାପ୍ତ ଏବିଇଓ ଅଶୋକ କୁମାର ବେହେରା, ଅଫିସ ସୁପରିଟେଣ୍ଡେଣ୍ଟ ଚନ୍ଦ୍ରଶେଖର ପାତ୍ର ଓ ବ୍ଲକ୍ ଏମ୍‌ଆଇଏସ୍ ସଂଯୋଜକ ସୁକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ

କୋଣାର୍କ (ପିଏନ୍): ଗରୀବ ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚ ପକ୍ଷରୁ ଜଗନ୍ନାଥପୁର ଗ୍ରାମର ଗରୀବ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି । ମହାମାରୀ କରୋନା ସମୟରେ ସ୍କୁଲଠାରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କ ମନରେ ପୁଣିଥରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚ ପକ୍ଷରୁ ଶିକ୍ଷା ସଚେତନତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚର ଅଧକ୍ଷ ପପୁ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂପ୍ରତିକ ସମାଜରେ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ସଚେତନ ହେବା ଜରୁରି ହୋଇପଡିଛି । ଆଜିର ଛାତ୍ରଛାତ୍ରୀ କାଲିର ଭବିଷ୍ୟତ । ପ୍ରାରମ୍ଭିକ ଶିକ୍ଷାରେ ଛାତ୍ରଛାତ୍ରୀମାନେ ବିକଶିତ ହୋଇପାରିଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଇପାରିବ । ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଓ ସମସ୍ତଙ୍କ କ୍ଷେତ୍ରରେ ଶିକ୍ଷାର ବିକାଶ ପାଇଁ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚ ଏହି ପ୍ରୟାସ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚର ସଦସ୍ୟ ତୁଷାର ଲେଙ୍କା, ରାଜା ସ୍ୱାଇଁ, ପାପୁନୀ ବେଜ, ତପୁ ରାଉତ, ମୁନା ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ଶାହନୱାଜ ଖାଁ ହରିଅନ୍ତା ସମବାୟ ସମିତିର ନୂତନ ସଭାପତି

ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ଅନ୍ତର୍ଗତ ହରିଅନ୍ତା ସେବା ସମବାୟ ସମିତି ଲିଃ.ର ନୂତନ ସଭାପତିଭାବେ ଶାହନୱାଜ ଖାଁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ଅନୁଷ୍ଠିତ ନିର୍ବାଚନରେ ତାଙ୍କ ବିରୁଦ୍ଧରେ କେହି ପ୍ରାର୍ଥୀପତ୍ର ଦାଖଲ ନକରିବାରୁ ସେ ବିଜୟୀ ଘୋଷିତ ହୋଇଥିଲେ । ଏହି ଅବସରରେ ନିର୍ଦ୍ଦେଶକ କୈଳାସଚନ୍ଦ୍ର ପାତ୍ର, ନାରାୟଣ ବେହେରା, କୀର୍ତ୍ତିଚନ୍ଦ୍ର ବେହେରା, ସରୋଜ ସ୍ୱାଇଁ, ମମତା ଦାସ, ଜୟଦେବ ପ୍ରଧାନ, ସଂଘମିତ୍ରା ଦାଶ, ଶିବରଂଜନ ମହାପାତ୍ର, ଲକ୍ଷ୍ମଣ ବେହେରା, ତୁଷାରକୁମାର ଜେନା, କୈଳାସଚନ୍ଦ୍ର ତ୍ରିପାଠୀ, ବୃନ୍ଦାବନ ତରାଇ, ବିଷ୍ଣୁଚରଣ ଜେନା, ବିଚିତ୍ରାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ପୂର୍ବତନ ସଭାପତି ସରୋଜ ମହାପାତ୍ର ଓ ସରପଞ୍ଚଙ୍କ ପ୍ରତିନିଧି ଲକ୍ଷ୍ମୀଧର ପ୍ରଧାନ ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନିର୍ବାଚନ ଅଧିକାରୀ ଗୋପାଳଚନ୍ଦ୍ର ରାଉତ ନିର୍ବାଚନ ପରିଚାଳନା କରିଥିଲାବେଳେ ସମ୍ପାଦକ ବିଶ୍ୱନାଥ ମହାପାତ୍ର ସହଯୋଗ କରିଥିଲେ ।

## ଫଟୋ ସାମ୍ବାଦିକଙ୍କ ବିୟୋଗରେ ଶୋକ



ଫୁଲନଖରା (ପିଏନ୍)- ଛାପା ଗଣମାଧ୍ୟମର ଫଟୋଗ୍ରାଫର ଅଶୋକ ପଣ୍ଡାଙ୍କ ଦୁର୍ଘଟଣାରେ ଅକାଳ ବିୟୋଗକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଏହି କ୍ରମରେ କଟକ ସଦର ପ୍ରେସ କ୍ଲବ ଆନୁକୂଲ୍ୟରେ ଏକ ଶୋକ ସଭା କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲି ରିସର୍ଟ୍ ପରିସରରେ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟକାରୀ ସଭାପତି ଲଳିତକୁମାର ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ରମେଶଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଅଜୟକୁମାର ଦାଶ, ସୁବାସଚନ୍ଦ୍ର ନାୟକ, ଉପଦେଷ୍ଟା ଶ୍ରୀ ସନ୍ନ୍ୟାସୀ ଜୀ, ଅଜୟକୁମାର ପତି ଓ କବିନାରାୟଣ ଜେନା ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ ଦିବଙ୍ଗତ ଆତ୍ମାର ସଦଗତି କାମନା ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇଥିଲା । ଅପରପକ୍ଷରେ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଯେଉଁଭଳି ଭାବରେ ଗିରଫ କରାଗଲା ତା'କୁ ପ୍ରେସ କ୍ଲବ ସଦସ୍ୟମାନେ ଦୃଢ଼ ନିନ୍ଦା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶା' ଜେନା, ରାଜକିଶୋର ବେହେରା, ଧିରେନ୍ଦ୍ର ସାହୁ, କାନନବିହାରୀ ନାୟକ, ରାକେଶକୁମାର ହୋତା, ସତ୍ୟରଂଜନ ଦାସମହାପାତ୍ର, ଭବାନୀଶଙ୍କର ପାତ୍ର, ଗଜେନ୍ଦ୍ର ଦାସ, ଅମିତ କୁମାର ପରିଜା, ଦୀପ୍ତିରଂଜନ ଶତପଥି, ଅଜୟ ପାତ୍ର, ଶଶିଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ପ୍ରତାପକେଶରୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରସ୍ତାବିତ ରାଉରକେଲା-ଜରେଇକେଲା ଜାତୀୟ ରାଜପଥର ଦିଗ ପରିବର୍ତ୍ତନ ପାଇଁ ଦାବି

ରାଉରକେଲା (ପିଏନ୍): ରାଉରକେଲା ହକି ଛକଠାରୁ ଜରେଇକେଲା ପର୍ଯ୍ୟନ୍ତ ପ୍ରସ୍ତାବିତ ଜାତୀୟ ରାଜପଥ ୩୨୦-ଡିର ଦିଗ ପରିବର୍ତ୍ତନ ପାଇଁ ବନ୍ଧମୁଣ୍ଡା ଅଞ୍ଚଳର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି । ଏହି ମର୍ମରେ ଏକ ସ୍ମାରକପତ୍ର ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇ ଏହାର ନକଲ ଜାତୀୟ ରାଜପଥ ବିଭାଗ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀ, ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ତଥା ଜାତୀୟ ରାଜପଥ ବିଭାଗର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ବନ୍ଧମୁଣ୍ଡା ଅଞ୍ଚଳର ବାସିନ୍ଦା ଓ ବ୍ୟବସାୟୀମାନେ ରାଉରକେଲା କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସାକ୍ଷାତ କରି ବର୍ତ୍ତମାନର ରାସ୍ତା ଉପରେ ରାଉରକେଲା ସହର ଓ ବନ୍ଧମୁଣ୍ଡା ମଧ ଦେଇ ଜାତୀୟ ରାଜପଥ ନିର୍ମିତ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ହଜାର ହଜାର ଲୋକ ବାସହରା ହୋଇ ନିଜର ଜୀବିକା ହରାଇବେ ସେ ସମ୍ପର୍କରେ ଅବଗତ କରାଇଥିଲେ । ଆହୁରି ମଧ ଏହି ଜାତୀୟ ରାଜପଥ ରାଉରକେଲା ଓ ବନ୍ଧମୁଣ୍ଡା ମଧ୍ୟଦେଇ ଗତି କଲେ ବନ୍ଧମୁଣ୍ଡା ଅଞ୍ଚଳର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ, ରେଲଓ୍ୱ ହାଇସ୍କୁଲ ଓ ରାଜ୍ୟ ସରକାରଙ୍କ ହାଇସ୍କୁଲ ତଥା ଏକ ମହାବିଦ୍ୟାଳୟ କିଭଳି ପ୍ରଭାବିତ ହେବ ସେ ସମ୍ପର୍କରେ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିଥିବା ଅବଗତ କରାଇଥିଲେ । ଏଥିସହ ଏହି ଜାତୀୟ ରାଜପଥ ରାଉରକେଲା ସହର ମଧରେ ଗତିକଲେ ରାଉରକେଲା ସ୍ମାର୍ଟସିଟିର ବିକାଶରେ ବାଧା ସୃଷ୍ଟି ହେବା ସହିତ ସହର ମଧରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଏହାର ଦିଗ ପରିବର୍ତ୍ତିତ ପାଇଁ ଦାବି କରିଥିଲେ । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଉରକେଲା ବିଶ୍ରା ଛକଠାରୁ ବନ୍ଧମୁଣ୍ଡା ଡି କେବିନ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ବସବାସ କରୁଥିବା ବେଳେ ରାସ୍ତା କଡରେ ବିଭିନ୍ନ ବ୍ୟବସାୟ କେନ୍ଦ୍ର ଖୋଲି ନିଜର ଜୀବନ ନିର୍ବାହ କରୁଛନ୍ତି । ତେଣୁ ଏହି ରାସ୍ତା ମଧ୍ୟଦେଇ ଜାତୀୟ ରାଜପଥ ଯାଏ ତେବେ ସମ୍ପୃକ୍ତ ଲୋକମାନେ ବିଶେଷ କ୍ଷତିଗ୍ରସ୍ତ ହେବା ସହିତ ବନ୍ଧମୁଣ୍ଡା ଅଞ୍ଚଳର ରେଳ କର୍ମଚାରୀମାନେ ମଧ ଗୁରୁତର ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇ ଏ ଅଞ୍ଚଳରେ ଦୁର୍ଘଟଣା ବୃଦ୍ଧି ପାଇବ ବୋଲି କୁହାଯାଇଛି । ତେଣୁ ଏହି ପ୍ରସ୍ତାବିତ ଜାତୀୟ ରାଜପଥକୁ ରାଉରକେଲା ସହର ଓ ବନ୍ଧମୁଣ୍ଡା କଲୋନୀ ବାହାରେ ଦକ୍ଷିଣ ପାର୍ଶ୍ୱରେ ଖାଲି ପଡିଥିବା ଜାଗା ଉପରେ ନିର୍ମାଣ କରିବାକୁ ବନ୍ଧମୁଣ୍ଡା ବାସୀ ଦାବି କରିଛନ୍ତି । ରାଜ୍ୟ ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ବନ୍ଧମୁଣ୍ଡା ଅଞ୍ଚଳରେ ବସବାସ କରୁଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ନାଗରିକଙ୍କୁ ନ୍ୟାୟ ଦେବା ପାଇଁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡା ଅଞ୍ଚଳର ରାଜେନ୍ଦ୍ର ରଜାକ, ସୁନୀଲ ସିଂହ, ଶୋଭା ସିଂହ, ରାଜେନ୍ଦ୍ର ଶର୍ମା, ଏମ୍‌ଡି ଇରଫାନ, ନରେନ୍ଦ୍ର ବର୍ମା, କୁଅଁର ସିଂହ, ରାଜୁ ପାଣ୍ଡେ, ପ୍ରଦୀପ ସାହୁ, ପ୍ରଭୁ ଶର୍ମା, ରାନୁ ବିଶ୍ୱାସ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିବା ବେଳେ ସମ୍ପୃକ୍ତ ଅଞ୍ଚଳର ବହୁ ନାଗରିକ ତଥା ବ୍ୟବସାୟୀ ଏହି ଅବସରରେ ଉପସ୍ଥିତ ଥିଲେ ।

# ସରକାରୀ ଜମି ଜାଲିଆତି ଅଭିଯୋଗ: ପୂର୍ବତନ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏଡିଏମଙ୍କୁ ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡ଼ା (ପିଏନ୍): ସରକାରୀ ଜମି ଜାଲିଆତି କରିବା ନେଇ ଜନୈକ ପୂର୍ବତନ ତହସିଲଦାରଙ୍କ ବିରୋଧରେ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ନିକଟରେ ଅଭିଯୋଗ ହୋଇଛି । ଏଥିସହିତ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଭିଯୋଗକାରୀ ଦାବି କରିଛନ୍ତି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ପୂର୍ବତନ ତହସିଲଦାରଙ୍କ ସହଯୋଗରେ ଅନ୍ୟ ଜଣେ ବ୍ୟକ୍ତି ପ୍ରାୟ ୨ଏକର ସରକାରୀ ଜମିକୁ ହାତେଇ ନେଇଥିବା ସମ୍ପର୍କରେ ଜଣାପଡିଛି । ଗତ ୨୦୨୦ମସିହାରେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ଅଧିନରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ତହସିଲର ଜନୈକ ପୂର୍ବତନ ତହସିଲଦାର ଏହି ସରକାରୀ ଜମିକୁ ଜାଲିଆତି କରି ଅନ୍ୟଜଣଙ୍କ ନାମରେ ବେଆଇନ ଭାବେ ରେକର୍ଡ କରିଦେଇଥିବା ନେଇ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ଆଚାର୍ଯ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଏଭଳି ସାଙ୍ଘାତିକ ଅଭିଯୋଗ କରିଛନ୍ତି । ଶ୍ରୀ ଆଚାର୍ଯ୍ୟଙ୍କ ଅଭିଯୋଗ ଅନୁଯାୟୀ ପଟ୍ଟାମୁଣ୍ଡାଇ ତହସିଲର ଜନୈକ ପୂର୍ବତନ ତହସିଲଦାର ପ୍ରାୟ ୨ଏକର ସରକାରୀ ଜମିକୁ ବେଆଇନ ଭାବେ ଅନ୍ୟ ଜଣଙ୍କ ନାମରେ ରେକର୍ଡ କରିଦେଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ସେ ପ୍ରାପ୍ତ ହୋଇଥିବା ତଥ୍ୟରୁ ଜାଣିବାକୁ ପାଇଥିଲେ । ସେହି ତଥ୍ୟ ବଳରେ ସଂପୃକ୍ତ ପୂର୍ବତନ ତହସିଲଦାରଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ପ୍ରଦାନ କରି ଦାବି କରିଛନ୍ତି । ଏଥିସହିତ ଏହି ଜାଲିଆତି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ସେହି ସରକାରୀ ଜମିକୁ ତୁରନ୍ତ ସରକାରୀ ଖାତାକୁ ଫେରାଇ ଅଣାଯିବା ସହ ଏଥିରେ ସଂପୃକ୍ତ ଥିବା ପୂର୍ବତନ ତହସିଲଦାର, ତଦନାନ୍ତିନ ପେସ୍କାର, ଅମିନ ଓ ଅନ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୦୭ ମସିହାରେ ଆର.ପି. କେଶ ନମ୍ବର - ୪୭୪ର ଶୁଣାଣି କରି କଟକସ୍ଥିତ ରାଜସ୍ୱ କମିଶନର ୨୦୧୧ ମସିହାରେ ତତ୍କାଳୀନ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଆଇନଗତ ଦିଗକୁ ତର୍ଜମା କରି ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୧ ମସିହାରୁ ୨୦୧୪ ମସିହା ଭିତରେ ତହସିଲଦାର ସଂପୃକ୍ତ କେଶରେ ରାଜସ୍ୱ ନୀରିକ୍ଷକ ଏବଂ ଅମିନଙ୍କ ରିପୋର୍ଟ ତଲବ କରିଥିଲେ । ସେହି କେଶର ୨୦୨୦ ମସିହା ପର୍ଯ୍ୟନ୍ତ କୌଣସି ଫଇସଲା ନହୋଇ ପଡିରହିଥିଲା । ହଠାତ୍ ୨୦୨୦ ମସିହାରେ ତତ୍କାଳୀନ ତହସିଲଦାର ସଂପୃକ୍ତ କେଶରେ ଫାଇନାଲ ଜଜମେଣ୍ଟ ପ୍ରଦାନ କରି ୨ଏକର ମୂଲ୍ୟବାନ ସରକାରୀ ଅନାବାଦୀ ଜମିକୁ ଅନ୍ୟ ଜଣଙ୍କ ନାମରେ ସ୍ଥିତିବାନ କରିଦେବା ଘଟଣା ଆଶ୍ଚର୍ଯ୍ୟ ଚକିତ କରିଛି । ଏକ ସରକାରୀ ଜମିକୁ ସ୍ଥିତିବାନ କରାଯିବା ପୂର୍ବରୁ ବିଧିବଦ୍ଧ ଭାବେ ସଂପୃକ୍ତ ଜମି ସମ୍ପର୍କରେ ତହସିଲଦାର ରିପୋର୍ଟ ତଲବ କରିବା ସହ ନିଜେ ସତ୍ୟାସତ୍ୟ ଅନୁସନ୍ଧାନ କରିବେ । ଏଥିସହିତ ସଂପୃକ୍ତ ଜମିର ଖଜଣା ପାଉତି କଟାଯିବା, ରିପୋର୍ଟ ଉପରେ ସରକାରୀ ଓକିଲଙ୍କ ମତାମତ ବା ସହମତି ନିଆଯିବା, ବିଭିନ୍ନ ସମୟରେ ଏସମ୍ପର୍କରେ ତହସିଲଦାରଙ୍କ କୋର୍ଟରେ ଶୁଣାଣି କରାଯିବା, କେଶ କରିଥିବା ବ୍ୟକ୍ତିଙ୍କ ହାଜିରା ନିଆଯିବା ସହିତ ସଂପୃକ୍ତ ଜମି ସମ୍ପର୍କରେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଓ ଅମୀନ ରିପୋର୍ଟ ପ୍ରଭୃତି ଯଦି କେଶ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ଯାଉଥାଏ ତେବେ ଶେଷରେ ସେହି ଜମିକୁ ସ୍ଥିତିବାନ କରାଯାଇଥାଏ । କିନ୍ତୁ ଏହି କେଶଟି ୨୦୧୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ ପଡି ରହିଥିବା ବେଳେ ଖଜଣା କଟା ପାଉତି ନଥିବା, ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ନଥିବା,ସରକାରୀ ଓକିଲଙ୍କ ମତାମତ ବା ସହମତି ନଥିବା, କେଶ କରିଥିବା ବ୍ୟକ୍ତିଙ୍କ ହାଜିରା ନଥିବା, ତହସିଲଦାର କେଶର କୌଣସି ଶୁଣାଣି କରିନଥିବା ବେଳେ ଚଞ୍ଚକତା କରାଯାଇ ଅମୀନ ରିପୋର୍ଟ କରାଯିବା ସହ ହଠାତ ଜଜମେଣ୍ଟ ପ୍ରଦାନ କରି ତହସିଲଦାର ୨ଏକର ସରକାରୀ ଜମିକୁ ଜଣେ ବ୍ୟକ୍ତିଙ୍କ ନାମରେ କିଭଳି କରିଦେଲେ ସେନେଇ ଆବଶ୍ୟକ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୂଚନା ଅଧିକାର କର୍ମୀ ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି ।

# ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମେଗା ବୃକ୍ଷରୋପଣ



ଖୋର୍ଦ୍ଧା (ପିଏନ୍): ବ୍ୟାପକ ବୃକ୍ଷରୋପଣ କରାଗଲେ ପରିବେଶ ସନ୍ତୁଳନ ରକ୍ଷା ହୋଇପାରିବ । ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବା ସହ ଦୈନନ୍ଦିନ ଜୀବନରେ ପରିବେଶକୁ ପ୍ରଦୂଷଣରୁ ରକ୍ଷା କରି ଆମ ଜୀବନକୁ ସରସସୁନ୍ଦର କରି ପାରିବ ବୋଲି ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡ଼ାସ୍ଥିତ ଏଆଇପିଏଲ କମ୍ପାନୀ ଦ୍ୱାରା ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ମେଗା ବୃକ୍ଷରୋପଣରେ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ । ଦୃଢ ଇଚ୍ଛାଶକ୍ତି ଓ କର୍ତ୍ତବ୍ୟ ନିଷ୍ଠ ଯୋଗୁ ଆମ ପୂର୍ବ ପୁରୁଷ ଭାରତକୁ ୭୫ ବର୍ଷ ତଳେ ସ୍ୱାଧୀନତା ଆଣିଥିଲେ । ସେହିପରି ଆମେ ମାନେ ଯଦି ପ୍ରତ୍ୟେକ କାର୍ଯ୍ୟକୁ ଗୁରୁତ୍ୱର ସହ ନିର୍ବାହ କରିବା ସବୁ କାର୍ଯ୍ୟରେ ସଫଳତା ପାଇ ପାରିବା ବୋଲି ମଧ୍ୟ ଏହି ଅବସରରେ ଅତିଥିମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଆଇପିଏଲ ଜେନେରାଲ ମ୍ୟାନେଜର ଶ୍ରୀ ରାମଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଏନଏଚଏଆଇ ଓଡ଼ିଶା ରିଜିଓନାଲ ଅଫିସର ଡ଼. ରାମପ୍ରସାଦ ପଣ୍ଡା ଯୋଗଦେଇ ଭୁବନେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ କାର୍ଯ୍ୟକୁ ଏଆଇପିଏଲ ସୁଚାରୁରୂପେ କରିବାରେ ସଫଳ ହୋଇଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥିଭାବେ ପିଆୟୁ ବ୍ରହ୍ମପୁର ଏନଏଚଆଇ ପ୍ରୋଜେକ୍ଟ ଡ଼ାଇରେକ୍ଟର ଏନ. ହରେକୃଷ୍ଣ ସମ୍ମାନୀତ ଅତିଥିଭାବେ ସେଗମେଣ୍ଟାଲ କନସୁଲଟିଙ୍ଗ ଟିମ ଲିଡ଼ର ଶ୍ରୀ କେ. ଶ୍ରୀନିବାସ ରାଓ, ପୁଞ୍ଜଲୋଏଡ଼ ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ତପନ କୁମାର ଦାସ, ରେସିଡ଼େଣ୍ଟ ଇଞ୍ଜିନିୟର ଆରଇ ଓଁମ ପ୍ରକାଶ ମହାପାତ୍ର ଓ ରୋଡ଼ ସେଫ୍ଟି ମ୍ୟାନେଜର ଏଲ. ସନ୍ଦୀପ ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପ୍ରାଣନାଥ କଲେଜ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏଆଇପିଏଲ ସମସ୍ତ କର୍ମଚାରୀ ଓ କଲେଜ ଛାତ୍ରଛାତ୍ରୀମାନେ ହାତରେ ଫ୍ଲାକାର୍ଡ଼ ଧରି ବୃକ୍ଷରୋପଣ ଲଗାଇବା ଓ ସଡ଼କ ସୁରକ୍ଷା ଉପରେ ଯାତ୍ରୀମାନଙ୍କୁ ସଚେତନ କରିବା ସହ ଶୋଭଯାତ୍ରା କରି ଗୋଟିଏ ଗୋଟିଏ ବୃକ୍ଷରୋପଣ କରିଥିଲେ । ଆଜି ଏଆଇପିଏଲ ତରଫରୁ ଅଢେଇ ହଜାର ଗଛ ଲଗାଯାଇଥିଲା । ସମସ୍ତ କାର୍ଯ୍ୟକୁ ସେଫ୍ଟି ମ୍ୟାନେଜର ଏଲ. ସନ୍ଦୀପ ପରିଚାଳନା କରିଥିଲେ ।

## ଓକିଲଙ୍କୁ ଆକ୍ରମଣ ପ୍ରତିବାଦରେ ବାର ଆସୋସିଏସନର ଜରୁରୀକାଳୀନ ବୈଠକ



ଖୋର୍ଦ୍ଧା (ପିଏନ୍)- ବାଣପୁର କୋର୍ଟରେ ଓକିଲଙ୍କୁ ଦୁର୍ବୃତ୍ତ ଆକ୍ରମଣ ପ୍ରତିବାଦରେ ଜଟଣୀ ବାର ଆସୋସିଏସନର ସଭାପତି ନିରଂଜନ ପଣ୍ଡାଙ୍କ ପୌରୋହିତ୍ୟରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ଏ ନେଇ ବୈଠକରେ ସର୍ବସମ୍ମତିକ୍ରମେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ପୋଲିସର ମନୋମୁଖୀ କାର୍ଯ୍ୟକଳାପରେ ବରିଷ୍ଠ ଆଇନଜୀବୀଙ୍କୁ ଆକ୍ରମଣ କରିବା ଏକ ନିନ୍ଦନୀୟ ଘଟଣାକୁ ନେଇ ଜେଏମଏଫସି କୋର୍ଟର ବିଚାରପତିଙ୍କୁ ଦାବୀପତ୍ର ପ୍ରଦାନ ସହ ଏକ ଦିନ ପାଇଁ କୋର୍ଟର କାର୍ଯ୍ୟ ବନ୍ଦ କରାଯାଇଥିଲା । ଏଥିରେ ବାରର ସମ୍ପାଦକ ବିଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମିଡିଆ ସେଲ ସଂଯୋଜକ ଆଇନଜୀବୀ ଅକ୍ଷାଂଶୁ ଶେଖର ନାୟକ ସହଯୋଗ କରିଥିଲେ ।

## ଇଦ୍ ଉଲ୍ ଜୁହା ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମୁସଲମାନ ଭାଇମାନଙ୍କ ପବିତ୍ର ପର୍ବ ଇଦୁଲଜୁହା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଏହି ବ୍ଲକର ନେଉଳପୁର, ଚୋରମୁହାଁ, ଚହଟା, ବଡମଙ୍ଗଳପୁର, କାଏମା ଆଦି ବିଭିନ୍ନ ସ୍ଥାନରେ ପର୍ବକୁ ନେଇ ପରିବେଶ ଉତ୍ସବମୁଖର ଥିଲା । ସକାଳୁ ସକାଳୁ ମୁସଲମାନ ସଂପ୍ରଦାୟର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂଆ ବସ୍ତ୍ର ପରିଧାନ କରି ବିଭିନ୍ନ ମସଜିଦ ଓ ଇଦଗାହାରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ । ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ ।

# ପତ୍ନୀକୁ କିରୋସିନ ଢାଳି ହତ୍ୟା ମାମଲାରେ ସ୍ୱାମୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲା ଓ ଦୌରା ଜଜ ଗୋପାଳ ଚନ୍ଦ୍ର ବେହେରା ଏକ ହତ୍ୟା ମାମଲାର ବିଚାରକରି ସୋମବାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ସ୍ୱାମୀ ଜଣକ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ କଳାବୁଦା ଗ୍ରାମର ବ୍ରଜକିଶୋର ଦାସ । ବ୍ରଜକିଶୋର ତାଙ୍କ ପତ୍ନୀ ରଞ୍ଜିତା ଦାସଙ୍କୁ ୨୦୧୨ ମସିହା ଫେବୃୟାରୀ ୨୫ ତାରିଖରେ କିରୋସିନ ଢାଳି ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡରେ ବ୍ରଜକିଶୋରଙ୍କୁ ତାଙ୍କର ଦୁଇଜଣ ସମ୍ପର୍କୀୟ ସରୋଜ ଦାସ ଓ ଖୁଲଣା ଦାସ ସହଯୋଗ କରିଥିଲେ । କିନ୍ତୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ଏହି ଦୁଇଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ରଞ୍ଜିତାଙ୍କୁ ଅଧିକ ଯୌତୁକ ଦାବି କରି ବ୍ରଜକିଶୋର ଓ ତାଙ୍କ ପରିବାର ପକ୍ଷରୁ ଅନେକ ସମୟରେ ନିର୍ଯ୍ୟାତନା ଦିଆଯାଉଥିଲା । ଏ ସଂକ୍ରାନ୍ତରେ ରଞ୍ଜିତା ବାପଘରେ କହିଥିଲେ । ବାପଘର ଲୋକେ ଶାଶୁଘରକୁ ଆସି ବୁଝାସୁଝା କରି ଯାଉଥିଲେ । ହେଲେ ଶାଶୁଘର ପକ୍ଷରୁ ରଙ୍ଗୀନ ଟିଭି ଓ ଆଉ ୧୦ ହଜାର ଟଙ୍କା ଅଧିକ ଦାବି କରାଯାଇଥିଲା । କିନ୍ତୁ ଏହା ଦେବାରେ ରଞ୍ଜିତାଙ୍କ ବାପଘର ଲୋକ ସମର୍ଥ ନହେବାରୁ ରଞ୍ଜିତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ବ୍ରଜକିଶୋର ଯୋଜନା କରିଥିଲେ । ୨୦୧୨ ମସିହା ଫେବୃୟାରୀ ମାସ ୨୫ ତାରିଖ ରଞ୍ଜିତାଙ୍କ ପାଇଁ ଥିଲା ଶେଷଦିନ । କାରଣ ସେହି ଦିନ ବ୍ରଜକିଶୋର ଓ ତାଙ୍କ ସହଯୋଗୀ ସରୋଜ ଏବଂ ଖୁଲଣା କିରୋସିନ ଢାଳି ରଞ୍ଜିତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ । ଗୁରୁତର ଭାବେ ଆହତ ରଞ୍ଜିତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏ ନେଇ ପାଟକୁରା ଥାନାରେ ଦଫା ୪୯୮(ଏ), ୩୦୪(ବି), ୩୦୨, ୫୦୬, ୩୪ ଆଇପିସି ଓ ୪ ଡିପି ଆକ୍ଟରେ ଏକ ମାମଲା କେଶ ନମ୍ବର ୩୯/୨୦୧୨ରେ ରୁଜୁ କରାଯାଇ ଘଟଣାର ଅନୁସନ୍ଧାନ ଚାଲିଥିଲା । ସେହି ଘଟଣାରେ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ମାମଲାର ଶୁଣାଣି ବେଳେ ଅଦାଲତରେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଏହି ମାମଲାର ଶୁଣାଣି କରି କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଅଭିଯୁକ୍ତ ବ୍ରଜକିଶୋର ଦାସଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଭିଯୁକ୍ତ ଆଉ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ଜିଲ୍ଲାଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଦିଆଯାଇଛି । ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମାନସ ରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୨୩

# ମୂଳଟି ଅଟଇ ବିଶ୍ୱାସ...



ଚରାଚର ବିଶ୍ୱବ୍ରହ୍ମାଣ୍ଡର ଆଧାରଶୀଳା ହେଉଛନ୍ତି ଈଶ୍ୱର। ବ୍ୟବହାର ଜଗତରେ ସେ ହେଉଛନ୍ତି ବିଶ୍ୱାସର ପ୍ରତୀକ। ବିଶ୍ୱାସ ଶ୍ରଦ୍ଧା ସମନ୍ୱିତ ହୋଇ ସୃଷ୍ଟି ସମ୍ଭାରକୁ ସାକାର କରିବାରେ ସଫଳ ହୋଇଛି। ଭବାନୀ ଶଙ୍କରୌ, ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ। ଶ୍ରୀରାମ ଚରିତ ମାନସ। ସନ୍ଥ ତୁଳସୀ ଦାସ ଏହା ବର୍ଣ୍ଣନା କରିଛନ୍ତି। ଭବାନୀ ହେଉଛନ୍ତି ଭବ କାରିଣୀ, ଭବ ତାରିଣୀ, ଶ୍ରଦ୍ଧା ରୂପିଣୀ, ପ୍ରକୃତି ସ୍ୱରୂପା ବିଶ୍ୱ ଜନନୀ। ଶଙ୍କର ହେଉଛନ୍ତି ବିଶ୍ୱାସ ରୂପରେ ସାରା ବିଶ୍ୱ ସୃଷ୍ଟିର ମୂଳାଧାର ପରମ ପୁରୁଷ, ପରମ ପିତା ମହାଦେବ ଶିବ। ଶ୍ରଦ୍ଧା ଜୀବ ହେଲେ ବିଶ୍ୱାସ ପରମ। ଶ୍ରଦ୍ଧା ଜୀବାତ୍ମା ହେଲେ ବିଶ୍ୱାସ ପରମାତ୍ମା। ଶ୍ରଦ୍ଧା ପ୍ରକୃତି ହେଲେ ବିଶ୍ୱାସ ପୁରୁଷ ରୂପରେ ପ୍ରତିଷ୍ଠିତ। ଶ୍ରଦ୍ଧା ଶକ୍ତି ସନାତନୀ ଆଉ ବିଶ୍ୱାସ ହେଲେ ସତ୍ୟ ସ୍ୱରୂପ ସନାତନ ଶିବ। ଏହି ଦୃଶ୍ୟ ଅଦୃଶ୍ୟ ସବୁକିଛି ହେଉଛି ବିଶ୍ୱାସର ପରିପ୍ରକାଶ। ଶ୍ରଦ୍ଧାର ଘନୀଭୂତ ରୂପ ବିଶ୍ୱାସ ଏବଂ ବିଶ୍ୱାସର ବ୍ୟକ୍ତ ବିଭୂତି ଶ୍ରଦ୍ଧା ଅଟନ୍ତି। ଏକ ଶକ୍ତି ଦୁଇ ରୂପରେ ପ୍ରତିଭାତ। ପରମବ୍ରହ୍ମ ପରମାତ୍ମା ବିଶ୍ୱାସ ହେଲେ ଶ୍ରଦ୍ଧା ତାଙ୍କର ଶକ୍ତି। ବିଶ୍ୱାସ ଏହି ବିଶ୍ୱ ଚେତନାର ମୂଳ।

ବାସ୍ତବରେ ବିଶ୍ୱାସ ବିଶେଷ ପ୍ରଚେଷ୍ଟା କିମ୍ବା ପ୍ରମାଣ ଦ୍ୱାରା ପ୍ରାପ୍ତ ହୋଇ ନଥାଏ। ଏହା ଅନ୍ତରାତ୍ମାରେ ସ୍ୱତଃସ୍ଫୂର୍ତ୍ତ ସ୍ଫୁରଣ ହୋଇଥାଏ। ଶଙ୍କା ସନ୍ଦେହ ହେଉଛି ବିଶ୍ୱାସର ପରମ ଶତ୍ରୁ। ଅତ୍ୟନ୍ତ ସାବଧାନତାର ସହିତ ଚାରା ବୃକ୍ଷର ପୋଷଣ ଓ ସୁରକ୍ଷା ଲୋଡ଼ା ହେବାପରି ବିଶ୍ୱାସର ବୃଦ୍ଧି ଓ ସୁରକ୍ଷା ପାଇଁ ସତର୍କତା ଦରକାର। ତାହା ନହେଲେ ବିଶ୍ୱାସ ସନ୍ଦେହ ରୂପକ ବିଷ ବିଶ୍ୱାସକୁ ସମୂଳେ ଧ୍ୱଂସ କରିଦେବ। ସାମାନ୍ୟ ବିଷ ଯେପରି ସାରା ଅମୃତ ଭାଣ୍ଡକୁ ନଷ୍ଟ କରିଦେଇଥାଏ, ଠିକ ସେହିଭଳି ଶଙ୍କା, ସନ୍ଦେହ, ଅବିଶ୍ୱାସ ରୂପକ ବିଷ ବିଶ୍ୱାସର ଅମୃତ ଭାଣ୍ଡକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥାଏ। ବିଶ୍ୱାସ ବ୍ୟକ୍ତିକୁ ବଳିଷ୍ଠ କରେ, ଶକ୍ତି ସମ୍ପନ୍ନ କରେ, ଆପଦ ବିପଦରୁ ରକ୍ଷା କରେ। ବିଶ୍ୱାସ ହୀନ ଜୀବନ ଏକ ଅସହାୟ ଜୀବନ। ବିଶ୍ୱାସହୀନ ଜୀବନ ପ୍ରାଣହୀନ ଜୀବନ। ବିଶ୍ୱାସର ଅଭାବ ସବୁଠାରୁ ବଡ଼ ଅଭାବ। ସମସ୍ତ ମୂଳ ଦେଇ ଆମ ଭିତରେ ଥିବା



ବିଶ୍ୱାସର ବୀଜକୁ ସୁରକ୍ଷା ଦେବା ଦରକାର। ଅଧିକରୁ ଅଧିକ ଦୃଢ଼ୀଭୂତ କରିବା ଦରକାର। ଯେତିକି ବିଶ୍ୱାସ ଦୃଢ଼ିଭୂତ ହେବ, ସେତିକି ଜୀବନ ସୁନ୍ଦର, ମଧୁର ସୌଷ୍ଠବମୟ ହେବ। ବିଶ୍ୱାସ ବେଳେ ଜୀବନ ଆତ୍ମ ଚେତନାରେ ପରିପୂର୍ଣ୍ଣ ହୋଇଉଠିବ।

ବିଶ୍ୱାସରେ ଜୀବନର ସୃଷ୍ଟି। ପିତାମାତା ପ୍ରିୟ ପରିଜନ ବର୍ଗ ଗଭୀର ବିଶ୍ୱାସରେ ଶିଶୁକୁ ପ୍ରତୀକ୍ଷା କରନ୍ତି। ଆନନ୍ଦର ଆଗମନୀରେ ସ୍ୱାଗତ କରନ୍ତି। ବିଶ୍ୱାସରେ ଜୀବନର ବିକାଶ, ସ୍ଥିତି ଆଉ ସମୃଦ୍ଧି। ବିଶ୍ୱାସ ମଧ ଜୀବନର ପରିଣତିକୁ ପ୍ରତ୍ୟାଶା କରେ ସ୍ୱର୍ଗଦ୍ୱାର କିମ୍ବା ଶିବାଳୟର ଶ୍ମଶାନ ଘାଟରେ। ଖାଲି ସେତିକି ନୁହେଁ, ମୃତ୍ୟୁ ଉପରାନ୍ତ ମଧ ବିଶ୍ୱାସ ଆତ୍ମସତ୍ତାର ଉତ୍ତରଣରେ ଆସ୍ଥା ରଖେ। ବିଶ୍ୱାସ ବିନା ଜୀବନ ନାହିଁ। ଘର ସଂସାର, ପରିବାର, ବନ୍ଧୁ ପରିଜନ, ସବୁକିଛି ବିଶ୍ୱାସର ବଳିଷ୍ଠ ବନ୍ଧନରେ ବନ୍ଧା। ବିଶ୍ୱାସ ପାଇଁ ବିଶ୍ୱ ଏତେ ସୁନ୍ଦର। ବିଶ୍ୱାସର ଚେତନା ପ୍ରବାହରେ ସବୁକିଛି ପ୍ରାଣବନ୍ତ, ଚେତନାଯୁକ୍ତ, ବିଶ୍ୱାସର ଅସମ୍ଭବ ଶକ୍ତି। ଅସମ୍ଭବକୁ ସମ୍ଭବ କରିବାରେ, ଅଦ୍ଭୁତରୁ ଅଦ୍ଭୁତ ଚମତ୍କାରିତା ବିଶ୍ୱାସ ବଳରେ ପ୍ରକଟିତ ହୋଇଥାଏ। ଆମର ସମସ୍ତ ଶାସ୍ତ୍ର ପୁରାଣର ପୃଷ୍ଠା ସବୁ ବିଶ୍ୱାସର ବିଶେଷ ମହିମା ବର୍ଣ୍ଣନାରେ ଶ୍ରୀମଣ୍ଡିତ ହୋଇଛି।

ଶ୍ରୀଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ରଚନାକୁ ନେଇ ଶୁଣିଥିବା ଏକ ରୋଚକ କାହାଣୀ ମନକୁ ଆସୁଛି। ଭାଗବତ ରଚନା ପରେ ଜଗନ୍ନାଥ ଦାସ ଚିନ୍ତାକଲେ ଜଣେ ଜ୍ଞାନୀଗୁଣୀ ବ୍ୟକ୍ତିଙ୍କୁ ଟିକେ ଦେଖାଇଦେବା ପାଇଁ। ତାଙ୍କ ବିଚାରରେ ବ୍ରହ୍ମଗିରି ନିକଟସ୍ଥ କାଣ୍ଡଗଦାର ମନେଇ ସାହୁ ଜଣେ ଯୋଗ୍ୟ ବ୍ୟକ୍ତି ଥିଲେ। ତେଣୁ ଭାଗବତର ପାଣ୍ଡୁଲିପି ନେଇ ସେ ତାଙ୍କ ଘରେ ପହଞ୍ଚିଲେ ଏବଂ ନିଜର ଇଚ୍ଛା ବ୍ୟକ୍ତ କଲେ। ମନେଇ ସାହୁ କହିଲେ ଗୋସେଇଁ, ଆପଣ ଆପଣଙ୍କ ଲେଖା ସବୁ ଥୋଇ ଦେଇଯାଆନ୍ତୁ ମୁଁ ଦେଖି ଦେଇଥିବି। ଆପଣ ମାସକ ପରେ ଆସିବେ ନେଇଯିବେ। ମାସକ ପରେ ଜଗନ୍ନାଥ ଦାସ ଯାଇ ମନେଇ ସାହୁଙ୍କ ଘରେ ପହଞ୍ଚିଥିଲେ। ପଚାରିଲେ ଆଜ୍ଞା ଆପଣ ଟିକେ ଆଖି ପକାଇ ଦେଇଛନ୍ତି ? ସେ କହିଲେ ହଁ ଦେଖିଛି ଲେଖା ଭଲ ହୋଇଛି, ହେଲେ ସାମାନ୍ୟ ଟିକେ ଲୁଣ ପଡ଼ିଥାଆନ୍ତା। ଜଗନ୍ନାଥ ଦାସ କହିଲେ- ଟିକେ ଲୁଣ ପକାଇ ଦେଲେନି ? ମନେଇ ସାହୁ କହିଲେ ପକାଇ ଦେଇଛି, ସେଥିରେ ସେ ଚାରି ଧାଡ଼ି ମାତ୍ର ଯୋଡ଼ିଛନ୍ତି। 'କହଇଁ ଜଗନ୍ନାଥ ଦାସ, ମୂଳଟି ଅଟଇ ବିଶ୍ୱାସ। ବିଶ୍ୱାସ ବିନା କର୍ମ ଯେତେ ଫଳ ନଫଳେ କଦାଚିତେ।' ବାସ୍ତବରେ ଏହା ସର୍ବତୋ ଭାବେ ସତ୍ୟ। ବିଶ୍ୱାସ ବିନା କିଛି ନାହିଁ। ଏହା ସବୁ ଶାସ୍ତ୍ରର ମର୍ମବାଣୀ। ଜୀବନ ହେଉଛି ଶ୍ରଦ୍ଧା ବିଶ୍ୱାସର ସମ୍ମିଳିତ ରୂପ। ଯେଉଁଠି ଜୀବନ ଅଛି, ସେଠି ଶ୍ରଦ୍ଧା ଅଛି। ଯେଉଁଠି ଶ୍ରଦ୍ଧା ଅଛି ସେଠାରେ ବିଶ୍ୱାସ ଅଛି। ଯେଉଁଠି ବିଶ୍ୱାସ ଅଛି ସେଠାରେ ସୁଖ, ଶାନ୍ତି, ଆନନ୍ଦ ପରିପୂର୍ଣ୍ଣ ହୋଇ ରହିଛି। ଯେଉଁଠାରେ ସୁଖଶାନ୍ତି ଆନନ୍ଦ ଅଛି, ସେଠାରେ ଆନନ୍ଦକନ୍ଦ ଭଗବାନ ଅଛନ୍ତି। ଯେଉଁଠାରେ ଭଗବାନ ଅଛନ୍ତି ସେଠାରେ ସବୁ ଅଛି। ତେବେ ଆସନ୍ତୁ ବିଶ୍ୱାସ ରୂପକ ଈଶ୍ୱରଙ୍କୁ ଆବାହନ କରିବା, ଆରାଧନା କରିବା, ବିଶ୍ୱାସକୁ ଆଧାର କରି ସତ୍ୟ ପରମାନନ୍ଦ ହରିଙ୍କ ସହିତ ଏକୀଭୂତ ହୋଇଯିବା।

**ହେମନ୍ତ କୁମାର ପରିଡ଼ା,** ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୭୬୩୧୦୭୧୨୬

# ସଫଳତା ଦିଗରେ କାଳିଆ ଯୋଜନା !

ଶରତ କୁମାର ରାଉତ



ସାଧାରଣ ମଣିଷର ଅର୍ଥନୈତିକ ଉନ୍ନତି ଓ ସାମାଜିକ ଅବସ୍ଥାର ପରିବର୍ତନ ପାଇଁ ଅତ୍ୟାଧୁନିକ ଜ୍ଞାନ-କୌଶଳରେ ଋଷ ବା କୃଷି ଉତ୍ପାଦନ ବୃଦ୍ଧି ଓ କୃଷି ତଥା କୃଷକକୁ ସରକାରୀ ସହାୟତାର ଅତ୍ୟନ୍ତ ଆବଶ୍ୟକତା ରହିଛି। ଏଥିପ୍ରତି ବିଶ୍ୱର ବିଭିନ୍ନ ରାଷ୍ଟ୍ର ଗୁରୁତ୍ୱର ସହ ଦୃଷ୍ଟି ଦେଇଥା'ନ୍ତି। ଏଥିଯୋଗୁଁ କେତେକ ରାଷ୍ଟ୍ର ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିଛନ୍ତି। ଆମ ଓଡିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାରେ ପ୍ରାୟ ୭୦ ଭାଗ ଲୋକେ କୃଷି ଉପରେ ନିର୍ଭରଶୀଳ। ରାଜ୍ୟରେ ପ୍ରାୟ ୪୫ ଲକ୍ଷ ହେକ୍ଟର ଜମିରେ ଧାନଚାଷ ହେଉଥିଲାବେଳେ ୧ ଲକ୍ଷ ୬୫ ହଜାର ହେକ୍ଟର ଜମିରେ ଅର୍ଥକାରୀ ଫସଲ ହୋଇଥାଏ। ରାଜ୍ୟରେ ପ୍ରାୟ ୧୧ଲକ୍ଷ ହେକ୍ଟର ଚାଷଜମି ଜଳସେଚିତ ଥିବାବେଳେ ପାଖାପାଖି ୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ସମ୍ଭବ ନୁହେଁ। ବାସ୍ତବତା ଦେଖଗଲେ, ରାଜ୍ୟରେ ୭୯ ଲକ୍ଷ ହେକ୍ଟର କୃଷି ଉପଯୋଗୀ ଜମି ରହିଛି। ମାତ୍ର ବର୍ତମାନ ସୁଦ୍ଧା ସେଥିରୁ କେବଳ ୩୦ ଲକ୍ଷ ହେକ୍ଟର ଋଷ ଜମିକୁ ଉତ୍ପାଦନକ୍ଷମ କରାଯାଇପାରିଛି। ସେହିପରି ରାଜ୍ୟରେ ୭୦ କୋଟି ଘନମିଟର ଭୂତଳ ଜଳ ଗଚ୍ଛିତ ଥିଲେ ମଧ ମାତ୍ର ୧ ଶତକଡାରୁ କମ୍ ଭୂତଳ ଜଳର ଉପଯୋଗ କରାଯାଇପାରିଛି। ହେଲେ ପ୍ରାକୃତିକ ବିପର୍ଯ୍ୟୟ ଓଡିଶା ପାଇଁ ମୁଖ୍ୟ ସମସ୍ୟା। ଏଥିଯୋଗୁଁ ପ୍ରତିବର୍ଷ ଏକ-ଚତୁର୍ଥାଂଶ ଋଷଜମିରୁ ଫସଲ ମିଳିପାରେନାହିଁ। ସୁତରାଂ ଓଡ଼ିଶାର କୃଷି ଓ କୃଷକ ବିଭିନ୍ନ ସମସ୍ୟା ମଧଦେଇ ଗତି କରୁଛନ୍ତି। ହୁଏତ ଏଥିପାଇଁ ଓଡ଼ିଶାର ଚାଷୀମାନେ କୃଷି ଉପରେ ଗୁରୁତ୍ୱ ନଦେଇ ଜୀବିକା ପାଇଁ ବାହାରକୁ ଯିବାକୁ ପସନ୍ଦ କରୁଛନ୍ତି। ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ, ରାଜ୍ୟରେ ଯେଉଁମାନେ ଋଷବାସ କରନ୍ତି, ସେମାନଂକ ମଧ୍ୟରୁ ପ୍ରାୟ ୬୦ ଭାଗ ଦେଶର ବିଭିନ୍ନ ସହର ଓ ବିଦେଶରେ ଶ୍ରମିକ ଭାବେ କାମ କରୁଛନ୍ତି। ଋଷକାର୍ଯ୍ୟ ବାଧାପ୍ରାପ୍ତ ହିଁ ରାଜ୍ୟରେ ଦାଦନ ଶ୍ରମିକ ସମସ୍ୟାର ମୁଖ୍ୟ କାରଣ। ସ୍ୱାଧୀନତା ପରଠାରୁ ଓଡିଶାର କୃଷି ଓ କୃଷକର ଉନ୍ନତି ପାଇଁ କୌଣସି ସରକାରଙ୍କ ଦ୍ୱାରା ସନ୍ତୋଷଜନକ ପଦକ୍ଷେପ ନିଆଯାଇନାହିଁ। ମାତ୍ର ବିଳମ୍ବ ହେଲେ ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡ଼ି ସରକାର ତିନିବର୍ଷ ତଳେ କୃଷି ଓ କୃଷକମାନଙ୍କ ବିକାଶ ପାଇଁ "କାଳିଆ" ଯୋଜନା ମାଧ୍ୟମରେ ଆଶୀର୍ବାଦ ଆଣି ଦେଇଥିଲେ।

"କାଳିଆ" ଯୋଜନାର ଓଡ଼ିଆରେ ପୂର୍ଣ୍ଣ ଅର୍ଥ ହେଲା, 'କୃଷକଙ୍କ ଜୀବିକା ଏବଂ ଆୟ ବୃଦ୍ଧି ପାଇଁ ସହାୟତା।' ବାସ୍ତବରେ ଏହି ଯୋଜନା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ତେବେ ରାଜ୍ୟର କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କୁ ସଶକ୍ତିକରଣ କରିବା ଓ କୃଷିର ବିକାଶ କରିବା ଏହି ଯୋଜନାର ମୂଳଲକ୍ଷ୍ୟ। ମୁଖ୍ୟତଃ ରାଜ୍ୟର କୃଷକମାନଙ୍କ ପାଇଁ ମଙ୍ଗଳକର ଏହି ବିଶାଳ ଯୋଜନା ମାଧ୍ୟମରେ ୧୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଶି ବିନିଯୋଗ କରାଯାଇ ରାଜ୍ୟର ଅସମର୍ଥ କୃଷି ପରିବାର, ଭୂମିହୀନ ଚାଷୀ ଏବଂ ନାମମାତ୍ର ଚାଷୀଙ୍କୁ ଋଣଯନ୍ତା ଓ ଦାରିଦ୍ର୍ୟରୁ ମୁକ୍ତ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। ଏଥିରେ ପ୍ରାୟ ୯୨ ଶତକଡ଼ା ଚାଷୀ ଓ ଅଭାବଗ୍ରସ୍ତ ଭୂମିହୀନ ଚାଷୀ, ଅର୍ଥାତ୍ ପ୍ରାୟ ୬୦ ଲକ୍ଷ ଚାଷୀ ପରିବାର ସିଧା ଉପକୃତ ହେଉଛନ୍ତି। ସମସ୍ତଙ୍କୁ ଚାଷକାର୍ଯ୍ୟ ପାଇଁ ୫ଟି ଫସଲ ଋତୁରେ ମୋଟ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବାକୁ ବ୍ୟବସ୍ଥା ରହିଛି। ଚଳିତ ବର୍ଷ କୃଷକ କଲ୍ୟାଣ ପାଇଁ ୨୧,୧୬୬ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ସେଥିମଧ୍ୟରୁ କେବଳ କାଳିଆ ଯୋଜନା ପାଇଁ ୧୮୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଏହି ଯୋଜନାରେ ଗ୍ରାମାଂଚଳ ଭୂମିହୀନ ଚାଷୀ ପରିବାର ପାଇଁ କ୍ଷୁଦ୍ର ଛେଳି ପାଳନ ଫାର୍ମ, କୁକୁଡ଼ା ପାଳନ ଫାର୍ମ, ବତକ ପାଳନ ଫାର୍ମ, ମତ୍ସ୍ୟଜୀବୀମାନଙ୍କୁ ମାଛଧରା ଉପକରଣ, ଛତୁଚାଷ ଓ ମହୁଚାଷ ପାଇଁ ୧୨ ହଜାର ୫ ଶହ ଟଙ୍କାର ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି। ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବ୍ୟକ୍ତିଙ୍କ ପାଇଁ ଏହି ଯୋଜନା ଅତ୍ୟନ୍ତ ସହାୟକ ହେବା ନିଶ୍ଚିତ ମନେହେଉଛି। ସେହିପରି ଯେଉଁ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ପରିବାର ବାର୍ଦ୍ଧକ୍ୟ, ଅକ୍ଷମତା ବା ରୋଗପୀଡ଼ିତ, ସେମାନଙ୍କ ପରିବାରରେ ଜୀବିକା ନିର୍ବାହ ପାଇଁ ବର୍ଷକୁ ଏକକାଳୀନ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଯୋଜନାରେ ପ୍ରତିବର୍ଷ ପାଂଚଲକ୍ଷ ପରିବାର ଉପକୃତ ହେବେ ବୋଲି ସରକାରୀ ବ୍ୟବସ୍ଥା କରାଯାଇଛି। ଚାଷୀ ଓ ଭୂମିହୀନ ଚାଷୀଙ୍କ ମୃତ୍ୟୁ ବା ଅକ୍ଷମତା ଯୋଗୁ ତାଙ୍କର ପରିବାର ଲୋକମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ଦୁରବସ୍ଥା ଲାଘବ କରିବା ପାଇଁ ରାଜ୍ୟ ସରକାର ଜୀବନବୀମା ସହାୟତାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ସମସ୍ତଙ୍କ ପାଇଁ ପ୍ରତ୍ୟେକ ବାର୍ଷିକ ୨ ଲକ୍ଷ ଟଙ୍କାର ଜୀବନବୀମା ସୁବିଧା କରାଯାଇଛି। ଏଥିପାଇଁ ଧାର୍ଯ୍ୟ ବାର୍ଷିକ କିସ୍ତି ଦେୟରୁ ଚାଷୀଙ୍କ ଅଂଶ ବାବଦକୁ ୧୬୫ ଟଙ୍କା ରାଜ୍ୟ ସରକାର ବହନ କରିବେ। ସେହିପରି ଏହି ବୟସର ସମସ୍ତଙ୍କ ପାଇଁ ୨ ଲକ୍ଷ ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା ବୀମାର ମଧ୍ୟ ବ୍ୟବସ୍ଥା ରହିଛି। ଏଥିପାଇଁ ଧାର୍ଯ୍ୟ ବାର୍ଷିକ ୧୨ ଟଙ୍କା କିସ୍ତି ଦେୟରୁ ଚାଷୀଙ୍କ ଅଂଶ ବାବଦକୁ ୬ ଟଙ୍କା ରାଜ୍ୟ ସରକାର ବହନ କରିବେ। ତେବେ ୫୧ରୁ ୭୦ ବର୍ଷ ବୟସର ସମସ୍ତଙ୍କୁ ଉପରୋକ୍ତ ପ୍ରଦତ୍ତ ବ୍ୟକ୍ତିଗତ ଦୁର୍ଘଟଣା ବୀମା ସୁବିଧା ପାଇଁ ବାର୍ଷିକ ୧୨ ଟଙ୍କା କିସ୍ତି ଦେୟକୁ ରାଜ୍ୟ ସରକାର ବହନ କରିବେ ବୋଲି ବ୍ୟବସ୍ଥା କରାଯାଇଛି। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଲା, ଚାଷୀଙ୍କୁ ଖରିଫ ୨୦୧୯ ବର୍ଷଠାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ବିନା ସୁଧରେ ଦିଆଯିବା ପାଇଁ କାଳିଆ ଯୋଜନାରେ ବ୍ୟବସ୍ଥା କରାଯାଇଛି। ସୂଚନା ଦିଆଯାଇପାରେ ଯେ, ପ୍ରତିବର୍ଷ ଅଧିକାଂଶ ଚାଷୀ ବା କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭାଗଚାଷୀ ଅର୍ଥ ଅଭାବରୁ



ଠିକ୍ ଭାବେ ଚାଷକାର୍ଯ୍ୟ କରିପାରନ୍ତି ନାହିଁ ଓ ପର୍ଯ୍ୟାପ୍ତ ଚାଷଜମି ପଡ଼ିଆ ରୁହେ। ଏହାର ସମାଧାନ ପାଇଁ ରାଜ୍ୟ ସରକାର ବିନା ସୁଧରେ ୫୦ ହଜାର ଟଙ୍କାର ଋଣ ଚାଷୀଙ୍କୁ ଦେବା ଦ୍ୱାରା ଓଡ଼ିଶାରେ ଆଉ ଚାଷଜମି ପଡ଼ିଆ ରହିବ ନାହିଁ ବୋଲି ସ୍ପଷ୍ଟ ହେଉଛି। ଯଦ୍ଦ୍ୱାରା ଆମର କୃଷି ଉତ୍ପାଦନ ବହୁ ପରିମାଣରେ ବଢିଯିବ ଏବଂ ଚାଷୀମାନେ ମଧ୍ୟ ଆର୍ଥିକ ସଶକ୍ତ ହୋଇ ପାରିବେ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି।

ତେବେ କାଳିଆ ଯୋଜନା ମାଧ୍ୟମରେ ନବୀନ ପଟ୍ଟନାୟକଙ୍କ ସରକାର ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଚାଷୀ, କୃଷି ଶ୍ରମିକ, ଭାଗଚାଷୀ (ପ୍ରକୃତ ଚାଷୀ) ତଥା ଅସମର୍ଥ କୃଷି ପରିବାରକୁ ଯେଭଳି ପର୍ଯ୍ୟାପ୍ତ ସୁବିଧା ଓ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି, ତାହା ଆମ ଦେଶର କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର ଏପର୍ଯ୍ୟନ୍ତ କରିପାରିନାହାନ୍ତି।

ସଂପ୍ରତି ଭାରତୀୟ କୃଷି ଓ କୃଷକ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାବେଳେ ତିନିବର୍ଷ ତଳୁ ଓଡ଼ିଶାର ଚାଷୀକୁଳ ଯେ ଆଶ୍ୱସ୍ତ ହୋଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରତିବର୍ଷର କେନ୍ଦ୍ର କୃଷି ବଜେଟ୍‌ରେ ଓଡିଶାର କୃଷି ଓ କୃଷକର ଉନ୍ନତି ପାଇଁ କୌଣସି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇନାହିଁ। ହୁଏତ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସରକାର କୃଷି ଉତ୍ପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ପଦକ୍ଷେପ ନେବା ସହ କୃଷି ଓ କୃଷକର ଉନ୍ନତି ପାଇଁ ଅଦ୍ୱିତୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ବାସ୍ତବରେ ଓଡିଶାରେ କୃଷି ପାଇଁ ଥିବା ପ୍ରଚୁର ସୁଯୋଗକୁ ଠିକ୍ ଭାବେ ଉପଯୋଗ କରାଯାଇ ପାରିଲେ, ଓଡିଶା କୃଷି ଉତ୍ପାଦନ କ୍ଷେତ୍ରରେ ଦେଶରେ ୧ନମ୍ବର ରାଜ୍ୟରେ ପରିଣତ ହୋଇପାରିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଓଡିଶାରେ କୃଷି ଓ କୃଷକର ଉନ୍ନତି ପାଇଁ ମୁଖ୍ୟତଃ ଜଳସେଚନର ଅତ୍ୟନ୍ତ ଆବଶ୍ୟକତା ରହିଥିବାରୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଆମ ରାଜ୍ୟରେ ୧୦୦ ଭାଗ ଉର୍ବର ଚାଷଜମି ରହିଥିଲେ ମଧ ଜଳସେଚନ ଅଭାବ କୃଷକମାନଂକ ପାଇଁ ମୁଖ୍ୟ ସମସ୍ୟା ହେଉଛି। ଆମ ରାଜ୍ୟ ପାଇଁ କୃଷି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାରୁ କୃଷି ଓ ଜଳସେଚନ ବିଭାଗ ସଂପୂର୍ଣ୍ଣ ଭାବେ ସକ୍ରିୟ ହେବା ଆବଶ୍ୟକ। ସୁଦକ୍ଷ ପ୍ରତିନିଧିମାନଂକୁ ଏଇ ବିଭାଗର ମନ୍ତ୍ରୀପଦରେ ଅଭିଷିକ୍ତ କରାଯିବା ଉଚିତ୍। ସେହିପରି ରାଜ୍ୟ ବଜେଟ୍‌ରେ କୃଷି ଭିତିଭୂମିର ବିକାଶ ଓ କୃଷି ବିପଣନ କ୍ଷେତ୍ରରେ ଉପଯୁକ୍ତ ଆର୍ଥିକ ବ୍ୟବସ୍ଥା ହେବା ଉଚିତ। ରାଜ୍ୟରେ କୃଷି ଓ କୃଷକର ଉନ୍ନତି ରାଜ୍ୟ ସରକାରଙ୍କ ଦକ୍ଷତା ଓ ଆନ୍ତରିକତା ଉପରେ ନିର୍ଭର କରୁଥିବାରୁ ଏଥିପ୍ରତି ରାଜ୍ୟ ସରକାର ସଚେତନ ହୋଇ କାର୍ଯ୍ୟ କରିବା ଉଚିତ ବୋଲି କୁହାଯାଉଛି। କୃଷି ଓ ଜଳସେଚନ ବିଭାଗର କାର୍ଯ୍ୟ ତ୍ୱରାନ୍ୱିତ ହିଁ କୃଷି ଓ କୃଷକର ଉନ୍ନତିରେ ସହାୟକ ହୋଇପାରିବ। ରାଜ୍ୟରେ ଛୋଟ ଛୋଟ ବନ୍ଧ, କଟା, ମୁଣ୍ଡାଗୁଡିକୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପରିଣତ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ହେବା ଜରୁରୀ। ବାସ୍ତବରେ କୌଣସି ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକାରୀ ଉପରେ ବିକାଶ ନିର୍ଭର କରୁଛି। ଏଣୁ "କାଳିଆ" ଭଳି ଏକ ଯୁଗୋପଯୋଗୀ ବିକାଶ ଯୋଜନାର ସଫଳତା ପ୍ରଶାସନର ନିଷ୍ଠା ଓ ପାରଙ୍ଗମତା ଉପରେ ନିର୍ଭର କରୁଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# ଦୁଷ୍ଟାମୀ



ରଜନୀବାବୁ ସକାଳୁ ସକାଳୁ ନିତ୍ୟକର୍ମ ସାରି ଗ୍ୟାରେଜ୍‌ରୁ ଗାଡ଼ି କାଢ଼ି ବାହାରିଗଲେ ଏୟାରପୋର୍ଟ ଅଭିମୁଖେ। ତାଙ୍କର ଏକମାତ୍ର ପୁତ୍ର ବଣ୍ଟି ଓ ବୋହୂ ରିମା ଆମେରିକାରୁ ଆଜି ଆସି ଓଡ଼ିଶାରେ ପହଞ୍ଚିବେ। ବାହାଘରର ଷୋଳ ମଙ୍ଗଳା ପରେ ପରେ ସେମାନେ ଦୁହେଁ ଆମେରିକା ଚାଲି ଯାଇଥିଲେ। ଦୁହେଁ ସେଠାରେ ଏକ ବଡ଼ କମ୍ପାନୀରେ କାମ କରନ୍ତି। ଏବେ ପ୍ରାୟ ଦେଢ଼ ବର୍ଷ ପରେ ଘରକୁ ଆସୁଛନ୍ତି।

ଆତ୍ମୀୟସ୍ୱଜନ ଓ ବନ୍ଧୁ ଯଦି ପାଖରେ ନଥିବେ, ବିରାଟ ରାଜପ୍ରାସାଦ ମଧ ଶ୍ମଶାନ ଭଳି ମନେହେବ। ତେଣୁ ପୁଅ ଓ ବୋହୂ ଆସୁଥିବାରୁ ମା ଅନୀତାଙ୍କ ଗୋଡ଼ ଆଉ ତଳେ ଲାଗୁନି। ପାଞ୍ଚ/ସାତ ଦିନ ହେଲାଣି, ସେ ତାଙ୍କ ପୁଅକୁ ଯାହା ଯାହା ଭଲ ଲାଗେ ସେଇ ସବୁ ଦ୍ରବ୍ୟଗୁଡ଼ିକ ଯୋଗାଡ଼ିବା ପାଇଁ ରଜନୀବାବୁଙ୍କୁ ବସାଇଉଠାଇ ଦେଉନାହାନ୍ତି। ସକାଳ ଜଳଖିଆରେ ପୁଅ ପାଇଁ ନଡ଼ିଆ ପୂର ଦିଆ ଏଣ୍ଡୁରୀ ପିଠା ସାଙ୍ଗକୁ ସବୁ ପରିବା ପଡ଼ି ଗୋଟେ ଖାଣ୍ଟି ଓଡ଼ିଆ 'ଡାଲ୍‌ମା' କରିବାକୁ ପ୍ରସ୍ତୁତ ହୋଇସାରିଲେଣି ସିଏ ଗଲା ରାତିରୁ। ବାକି ଦ୍ୱିପହର ଭୋଜନରେ ପୁଅ ପାଇଁ ମାଛ ମାର୍କେଟ୍‌ରୁ ଖୋଜା ହୋଇ ଆସିଛି ପୋହଳା ମାଛ ଆଉ ଛୋଟ ଚିଙ୍ଗୁଡ଼ି। ପୋହଳା ମାଛକୁ ଝୋଳ କରିବେ ଏବଂ ପୋଇ, କଖାରୁ, ଆଳୁ, ବାଇଗଣ ସହ ଚିଙ୍ଗୁଡ଼ି ମାଛର ଘାଣ୍ଟିଆ ହେବ। ଏହା ତାଙ୍କ ପୁଅକୁ ବହୁତ ଭଲଲାଗେ। ଏହା ବ୍ୟତୀତ ପାଣିକଖାରୁ ବଡ଼ି ପ୍ରସ୍ତୁତ ହୋଇ ରହିଛି ମାସକ ଆଗରୁ। କଖାରୁ ଶାଗ ଖୋଜା ହୋଇ ଆସିଛି। କାରଣ ବଡ଼ିଫୁଲା ଆଉ କଖାରୁ ଶାଗ ପୁଅର ଭାରି ପ୍ରିୟ ଅଟେ। ମା' ମନ ତ, ଯେତେ କଲେବି, ଯୋଗାଡ଼ ସରେନି। ଆହୁରି କିଛି କରି ରଖିବାକୁ ମନ ବଳାଏ ସିନା, ମା'ର ପ୍ରସ୍ତୁତି କେବେ ସରି ନଥାଏ। ବାସ୍ତବିକ୍, ଜଣେ ମାଆର ନିଜ ସନ୍ତାନ ପ୍ରତି ଥିବା ସ୍ନେହ ସହିତ ପୃଥିବୀର ଅନ୍ୟ କୌଣସି ବସ୍ତୁ ତୁଳନୀୟ ନୁହେଁ।

ସେପଟେ ରଜନୀବାବୁ କେତେବେଳୁ ଏୟାରପୋର୍ଟରେ ପହଞ୍ଚ ଏପାଖ ସେପାଖ ଦୃଷ୍ଟି ପହଁରାଇ ଆଣୁଛନ୍ତି। ହେଲେ କାହିଁ ବଣ୍ଟିର କେଉଁଠି ହେଲେ ଦେଖାଯାଉନାହିଁ। ସେ କ'ଣ ଆସିବା ପ୍ରୋଗ୍ରାମ ବଦଳାଇଦେଲା। ପୁଣି ଭାବୁଚନ୍ତି, ପ୍ଲେନ୍ କଣ ଆଉ ବିଳମ୍ବ ଅଛି କି? ଏହିପରି ନାନା ପ୍ରଶ୍ନବାଚୀରେ ମୁଣ୍ଡଟା ଭାରାକ୍ରାନ୍ତ ହେଉଥିଲା ବେଳକୁ ବେଳ ତାଙ୍କର। ହଠାତ୍ ତାଙ୍କ ଫୋନ୍‌ଟି ବାଜି ଉଠିଲା। ପକେଟ୍‌ରୁ ଫୋନ୍ କାଢ଼ି କାନରେ ଦେଲେ। ହଁ ବଣ୍ଟିର ହିଁ ଫୋନ୍, ସେପାଖରୁ ବଣ୍ଟି କହୁଥିଲା, "ବାବା, ଆମେ ଆଜି ଏୟାରପୋର୍ଟରୁ ସିଧା ସିଧା କଟକ ଚାଲିଆସିଲୁ ରିମା ଘରକୁ। ରିମାର ମା' ବାରମ୍ବାର ଫୋନ୍ କଲାରୁ ରିମା ବାଧକଲା ମୋତେ ସେଠିକୁ ଆଗ ଯିବାପାଇଁ। କାଲି ସକାଳୁ ସକାଳୁ ଆମେ ଦୁହେଁ ତୁମ ପାଖକୁ ଚାଲି ଆସିବୁ।"

ରଜନୀବାବୁଙ୍କ ମୁଣ୍ଡଟା ଜୋର୍‌ରେ ଘୂରେଇଦେଲା ଯେପରି। ସାରା ପୃଥିବୀଟା ତାଙ୍କୁ ତାଙ୍କ ଚାରିପାଖେ ଘୂରିଲା ପରି ଲାଗିଲା। ହଠାତ୍ ଗାଡ଼ିରେ ଭରାଦେଇ ଠିଆ ହୋଇପଡ଼ିଲେ, ନଚେତ୍ ପଡ଼ିଯାଇଥା'ନ୍ତେ। କିଛି ସମୟ ପରେ ଘରେ ପହଞ୍ଚିଲେ ରଜନୀବାବୁ। ଅନୀତା ଦେବୀ କିଛି ପଚାରିବା ପୂର୍ବରୁ ଜୋରରେ ଚିତ୍କାର କରି କହିଲେ, "ଗୁଣମନ୍ତ ପୁଅ ତୁମର, ବୋହୂ କଥାରେ ପଡ଼ି ଆଗ ଶ୍ୱଶୁରଘରକୁ ଚାଲିଗଲେ, କାଲି ସକାଳେ ଏଠିକୁ ଆସିବେ।" ଘୃଣାରେ ଓ ବିରକ୍ତିରେ ମୁହଁ ଛିଞ୍ଚାଡ଼ି ଏତକ କହି ଆର୍ମଚେୟାରରେ ବସିପଡ଼ିଲେ ପେପର ପଢ଼ିବା ପାଇଁ। ସବୁଥିରେ ସନ୍ତୁଷ୍ଟ ରହୁଥିବା ବ୍ୟକ୍ତି ହିଁ ସୁଖୀ ଜୀବନ ବିତାଇପାରେ। ତେଣୁ ସଦା ହସହସ ସଦା ଶାନ୍ତ ଅନୀତା ଦେବୀ ଚଟାପଟ୍ ଚା' କପ୍‌ଟି ଧରି ଟି'ପୟେ ଉପରେ ରଖୁ ରଖୁ ନମ୍ର ତଥା ଉଦାର ଭାବରେ କହୁଥିଲେ, "ହଁ ମ ଆମେ ଯେମିତି 'ବଣ୍ଟି'କୁ ଦେଖିବାକୁ ବ୍ୟଗ୍ର, 'ରିମା'ର ବାପାମାଆ ସେପରି 'ରିମା'କୁ ଦେଖିବାକୁ ବ୍ୟଗ୍ର ହେବା ସ୍ୱାଭାବିକ। ବଣ୍ଟି ଆମର ଖୁବ୍ ଜାଣିବାର, ବୁଝିବାର ପିଲା। ସେ ନିଜେ ଅନୁଭବ କରିଛି ବାପା ମାଆଙ୍କ ମନର ଭାବକୁ। ସେଥିପାଇଁ ନିଜ ବ୍ୟଗ୍ରତାକୁ ଚାପିରଖି ଆଗ ରିମା ମନକୁ ଖୁସି ଦେବାପାଇଁ ସେଠିକୁ ଚାଲିଗଲା। କଣ ବା ଭୁଲ ହେଇଗଲା ଯେ...ରାତି ପାହିଲେ କାଲି ଆସି ଦୁହେଁ ପହଞ୍ଚିଯିବେନି। ତୁମେ ଚା ପିଅ ଆଉ ମନକୁ ହାଲ୍‌କା କରିନିଅ।" ପ୍ରକୃତରେ କ୍ରୋଧକୁ ନିଶ୍ଚିହ୍ନ କରିଦେବାର ସବୁଠୁ ସରଳ ଓ ଶ୍ରେଷ୍ଠ ଉପାୟ ହେଲା, ଏହାର କାରଣକୁ ବିନଷ୍ଟ କରିଦେବା।

ସନ୍ଦିଗ୍ଧ ଦୃଷ୍ଟିରେ ଅନେଇ ରହିଥିଲେ ରଜନୀବାବୁ, ପତ୍ନୀ ଅନୀତାଙ୍କ ମୁହଁକୁ। ମନେମନେ ତାରିଫ କରି କହୁଥିଲେ ଯେପରି, "ଅନୀତା, ଶତ ଧନ୍ୟବାଦ, ତୁମର ମାତୃହୃଦୟକୁ।"

ଠିକ୍ ଏଇ ସମୟରେ କବାଟ କଣରେ ଲୁଚି ରହିଥିବା ପୁଅ ବଣ୍ଟି ଓ ବୋହୂ ରିମା ବାହାରି ଆସି ରଜନୀବାବୁଙ୍କ ପାଦ ଛୁଇଁ ଜୁହାର ହେଲାବେଳେ ବଣ୍ଟି ବଡ଼ପାଟିରେ କହୁଥିଲା, "ବାବା, ଆମ ସରପ୍ରାଇଜ୍‌ଟା କେମିତି ଲାଗିଲା।" ଅନୀତାଙ୍କ ସହ ପିଲାଦୁହିଁଙ୍କ ହସରେ ଘର ସତେକି ଫାଟି ପଡୁଥିଲା। ରଜନୀବାବୁ ଢିମାଢିମା ଆଖିରେ ସେମାନଙ୍କୁ ଚାହିଁ ରହି କହୁଥିଲେ, "ହଇରେ, ପିଲାଦିନ ଦୁଷ୍ଟାମୀ ଏଯାଏଁ ଛାଡ଼ିନୁ ? ?"

**ଡ. ପ୍ରତିଭା ମହାରଥୀ**
ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର,
ମୋ-୯୪୩୭୦୩୬୮୦୯

# ସତ୍ୟଂ ଶିବଂ ସୁନ୍ଦରଂ

'ବେଦାହମେତଂ ପୁରୁଷଂ ମହାନ୍ତଂ, ଆଦିତ୍ୟବର୍ଣ୍ଣଂ ତମସସ୍ତପାରେ। ସର୍ବାଣି ରୂପାଣି ବିଚିନ୍ତ୍ୟ ଧୀରାଃ, ନାମାନି କୃତ୍ୱାଂଭିବଦନ୍ ଯୁଦାସ୍ତେ'। ମୁଁ ସେହି ପରମପୁରୁଷଙ୍କୁ ଜାଣେ। ତାଙ୍କଠାରେ ସୂର୍ଯ୍ୟଙ୍କର ଦ୍ୟୁତି ଓ ସେ ଅଜ୍ଞାନ ଅନ୍ଧକାରର ଅତୀତ। ସେ ତାଙ୍କ ସ୍ୱୀୟ ମାୟାରୁ ବିବିଧ ରୂପରେ ପ୍ରକଟିତ ହୁଅନ୍ତି ଓ ବିବିଧ ନାମ ଧାରଣ କରନ୍ତି। ଯିଏ ଏହା ଉପଲବ୍ଧି କରେ, ସେ 'ତମେବଂ ବିଦ୍ୱାନ୍ ଅମୃତ ଇହ ଭବତି' ଅର୍ଥାତ୍ ମୃତ୍ୟୁକୁ ଜୟ କରେ। 'ଏକୋହମ୍, ବହୁଶ୍ୟାମ୍' ମୁଁ ଏକ, ଅନେକ ହେବି- ଏହା ସେହି ପରମପୁରୁଷଙ୍କର ପବିତ୍ର ସଙ୍କଳ୍ପ ଏବଂ ସେହି ସଂକଳ୍ପରୁ ହିଁ ଏହି ବୈଚିତ୍ର୍ୟମୟ ସଂସାରର ସୃଷ୍ଟି। ବାବା କହନ୍ତି, 'ଏପରି ଏକ ସମୟ ଥିଲା, ଯେତେବେଳେ କେହି ମୋ ସମ୍ବନ୍ଧରେ ଜାଣି ନଥିଲେ। ସେତେବେଳେ ମୁଁ ମୋର ଆନନ୍ଦ ପାଇଁ ଏହି ଜଗତକୁ ସୃଷ୍ଟି କଲି।' ତେଣୁ ଏହି ବିଶାଳ ସୃଷ୍ଟି ଭଗବାନଙ୍କର ସଙ୍କଳ୍ପର ପରିପ୍ରକାଶ ମାତ୍ର। ଏହାର ଉତ୍ପତ୍ତି, ଗତି ଓ ସ୍ଥିତି ଆନନ୍ଦରେ। ଭଗବାନ ସତ୍‌ସ୍ୱରୂପ, ତେଣୁ ସମଗ୍ର ସୃଷ୍ଟି ସତ୍ୟ ଉପରେ ପ୍ରତିଷ୍ଠିତ। ସେ 'ସହସ୍ରଶୀର୍ଷା ପୁରୁଷଃ' ସେ 'ସହସ୍ରାକ୍ଷଃ ସହସ୍ରପାଦ'। ସର୍ବତ୍ର ପରିବ୍ୟାପ୍ତ ସେହି ଈଶ୍ୱର ପୁଣି 'ଅତ୍ୟତିଷ୍ଠଦଶାଙ୍ଗୁଳଂ'।

ସେହି ଏକ ସତ୍ୟ ନାନା ରୂପ ଓ ନାମରେ ପ୍ରତିଭାତ ହେଉଛନ୍ତି। ପ୍ରେମମୟ ଈଶ୍ୱର ସର୍ବତ୍ର ପରିବ୍ୟାପ୍ତ। ସେ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଦିବ୍ୟପ୍ରେମର ଏକ ସ୍ଫୁଲିଙ୍ଗ ହୋଇ ରହିଛନ୍ତି। ଆମେ ଯେପରି ତାଙ୍କପାଇଁ ବ୍ୟାକୁଳ, ସେ ମଧ ସେହିପରି ଆମ ପାଇଁ ବ୍ୟାକୁଳ। ଏହା ବ୍ରହ୍ମର ଅଣୁ ପ୍ରତି ଓ ଅଣୁର ବ୍ରହ୍ମ ପ୍ରତି ଆକର୍ଷଣ। ସମୁଦ୍ରରୁ ଉଠୁଥିବା ଲହରୀକୁ ପୁଣି ଥରେ କୋଳକୁ ନେଇଯିବା ପାଇଁ ସମୁଦ୍ର ବ୍ୟାକୁଳ। ଲହରୀକୁ ମଧ୍ୟ ପୁଣି ଥରେ ସମୁଦ୍ର ବକ୍ଷକୁ ଫେରିଯିବାକୁ ହେବ। 'ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ।' ତେଣୁ ବାବା କହିଥାନ୍ତି- "Come one and all. See in Me yourself for I see Myself in you all. When I love you, I love Myself, When you love yourselves, you love Me! I have separated Myself from Myself, so that I may love Myself." ତୁମେ ଜଣ ଜଣ ହୋଇ ସମସ୍ତେ ମୋ' ନିକଟକୁ ଆସ। ମୋ' ଭିତରେ ତୁମଙ୍କୁ ଦେଖ, ଯେହେତୁ ମୁଁ ତୁମ ସମସ୍ତଙ୍କ ଭିତରେ ମତେ ହିଁ ଦେଖେ। ମୁଁ ଯେତେବେଳେ ତୁମଙ୍କୁ ପ୍ରେମ କରେ ସେତେବେଳେ ମତେ ହିଁ ପ୍ରେମ କରିଥାଏ। ତୁମେ ଯେତେବେଳେ ତୁମକୁ ଭଲପାଅ, ସେତେବେଳେ ସାଇକୁ ହିଁ ଭଲ ପାଇଥାଅ। ମୁଁ ନିଜ ଠାରୁ ମତେ ଅଲଗା କରିଛି, ଯେପରିକି ମୁଁ ମତେ ହିଁ ପ୍ରେମ କରିପାରେ'। ସାଇ ଓ ମୁଁ ଉଭୟେ ଅଭିନ୍ନ। କସ୍ତୁରୀଙ୍କ ଭାଷାରେ-"You are the Sathya of the Sai."। ମନରେ ନିରନ୍ତର ଏହି ଭାବ ପୋଷଣ କରିବା ହିଁ ସତ୍ୟଂ। ଯେତେବେଳେ ଆମେ ଏହି ଭାବରେ ଉଦ୍‌ବୁଦ୍ଧ ହେଉ, ସେତେବେଳେ ପ୍ରେମ ହିଁ ହୁଏ ଆମର କର୍ମପ୍ରେରଣା। ଆଜିଯାଏଁ ଆମେ ଯାହାକିଛି କରୁଥିଲେ, ତାହା ହୁଏତ ଆମର ଦେହରୁ ଆବଶ୍ୟକତା ପୂରଣ କରିବା ପାଇଁ ବା ଇନ୍ଦ୍ରିୟଲାଳସା ଚରିତାର୍ଥ କରିବା ପାଇଁ କିମ୍ବା ମନର ଚାହିଦା ପୂରଣ କରିବା ପାଇଁ। କିନ୍ତୁ ଥରେ ସେହି



ନୈସର୍ଗିକ ପ୍ରେମର ଉଦ୍‌ବେଳନ ଅନୁଭବ କରିବା ପରେ ପ୍ରେମ ହିଁ ହୁଏ ଆମର କର୍ମପ୍ରେରଣା। ଆମ ମଧ୍ୟରେ ରୂପାନ୍ତର ଘଟେ ଶବ ହୁଏ ଶିବ, କିଙ୍କର ହୁଏ ଶଙ୍କର, ମୃଣ୍ମୟ ହୁଏ ଚିନ୍ମୟ। ଦେହ, ଇନ୍ଦ୍ରିୟ ଓ ମନର ଅଜସ୍ର ଦାବୀ ଆମକୁ ଆଉ ବିବ୍ରତ କରେନା। ସେତେବେଳେ ଆଦିଶଙ୍କରଙ୍କ ଭାଷାରେ ଆମେ କହିଉଠୁଁ, 'ମନୋବୃଦ୍ଧି ଅହଙ୍କାର ଚିତ୍ତାନି ନାହଂ, ନ ଚ ଶ୍ରୋତ୍ରଜିହ୍ୱେ ନ ଚ ଘ୍ରାଣନେତ୍ରେ। ନ ଚ ବ୍ୟୋମଭୂମିର୍ନ ତେଜୋ ନ ବାୟୁଃ, ଚିଦାନନ୍ଦ ରୂପଃ ଶିବୋଽହଂ ଶିବୋଽହଂ।' ଯେତେବେଳେ ଏହି ଦିବ୍ୟପ୍ରେମ ଆମର କର୍ମପ୍ରେରଣା ହୁଏ, ସେତେବେଳେ ଆମେ ହୋଇଯାଉ ଶିବ।

କବିଙ୍କ ଭାଷାରେ 'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ'। ଯାହା ଆନନ୍ଦ ଦିଏ, ତାହା ସୁନ୍ଦର। ଏଠାରେ ଆନନ୍ଦର ଅର୍ଥ ସୁଖ ନୁହେଁ। ଆନନ୍ଦ ଇନ୍ଦ୍ରିୟାତୀତ, ସୁଖ ଇନ୍ଦ୍ରିୟଭୋଗ୍ୟ। ଆନନ୍ଦ କାରଣାତୀତ। ସୁଖ ସର୍ବଦା ସକାରଣ। ଆନନ୍ଦ ଚିରନ୍ତନ, ସୁଖ କ୍ଷଣିକ। ଯିଏ ଏହି ଆନନ୍ଦ ଅନୁଭବ କରେ, ତାହା ଦୃଷ୍ଟିରେ ଏହି ସମଗ୍ର ସୃଷ୍ଟିର ସୁନ୍ଦର। ସୁଖକାମୀ ବ୍ୟକ୍ତି ସୁଖଲାଭ ନିମନ୍ତେ ଇନ୍ଦ୍ରିୟମାନଙ୍କର ଆଶ୍ରୟ ନିଏ ଏବଂ ସୁଖଦୁଃଖର ଶିକାର ହୁଏ। କିନ୍ତୁ ଯିଏ ଥରେ ସେହି ପରମାନନ୍ଦର ସାଗରରେ ଅବଗାହନ କରେ ସେ ଅସରନ୍ତି ଆନନ୍ଦର ଅଧିକାରୀ ହୁଏ। ତାହାପାଇଁ ଭଗବାନଙ୍କର ବିଶାଳ ସୃଷ୍ଟିରେ କିଛି ଅସୁନ୍ଦର ନୁହେଁ। ସେ ଏହି ଦିବ୍ୟପ୍ରେମକୁ ସର୍ବତ୍ର ଅନୁଭବ କରେ। ପ୍ରେମର ଅତଳ ସାଗରରେ ସେ ନିଜକୁ ହଜାଇଦିଏ। ପ୍ରେମର ଏହି ନିର୍ମଳ ନିର୍ଝରରେ ନିତ୍ୟ ସ୍ନାନ କରି ତଜ୍ଜନିତ ଆନନ୍ଦକୁ ଅନୁଭବ କରିପାରିଲେ, ତାହା ହୁଏ ସୁନ୍ଦରଂ। ଏହାହିଁ ପ୍ରତ୍ୟେକ ସାଧକର ଚରମ ଲକ୍ଷ୍ୟ, ପରମ ରୂପାନ୍ତର। ଏହି ରୂପାନ୍ତର କରିଦିଏ ତାହାକୁ ସତ୍ୟଂ, ଶିବଂ, ସୁନ୍ଦରଂ।

**ପି. ଜଗନ୍ନାଥ ପ୍ରସାଦ ରାଓ**
*ସଭାପତି, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା*




# ବିନା ମାଟିରେ ଚାଷ

## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ, ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ, ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡ଼ିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡ଼ିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡ଼ିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡ଼ି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୂପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି, ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା – କଂକ୍ରିଟ, କାଚ, କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ, ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚନ ସୁବିଧା ଥିବା ଡ଼ିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚାଷ କଲେ ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚାଷ କରୁଥିଲେ ସର୍ବଦା ବଜାର ଚାହିଦା ଏବଂ ଖାଉଟି ଦରଦାମ୍ ଉପରେ ବିଶେଷ ନଜର ରଖି ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚୟନ ଏବଂ ଖାଦ୍ୟ ସାର ପରିଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚାଳନା କଲେ ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚୟନ**

ଗାଁ ଗହଳି ରେ ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ, ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି, ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡ଼ା ଦୋରସା ମାଟି ବାଇଗଣ ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା, ୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ, ମଞ୍ଜି ବୁଣିବା ପୂର୍ବରୁ ସେଗୁଡ଼ିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ, ୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୋଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରୋମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯






# ଅଗଷ୍ଟ ୨୭ ଏବଂ ୨୮ରେ ଏଆଇଡିଡବ୍ଲୁଏର ରାଜ୍ୟ ସମ୍ମିଳନୀ




ବାଲେଶ୍ୱର (ପିଏନ୍)-ଆସନ୍ତା ଅଗଷ୍ଟ ୨୭ ଏବଂ ୨୮ ଦୁଇ ଦିନ ଧରି ବାଲେଶ୍ୱର ଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମ୍ମିତିର ୧୩ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଆଜିର ସମୟରେ ମହିଳାମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଭ୍ରୂଣହତ୍ୟା, ଯୌତୁକଜନିତ ଆକ୍ରମଣ, ଧର୍ଷଣ ଏବଂ ଘରୋଇ ହିଂସା ବଢ଼ି ଚାଲିଛି। ଅନ୍ୟପଟରେ ଦରଦାମ୍ ବୃଦ୍ଧି କାମ ନ ମିଳିବା ଫଳରେ ମହିଳାମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି। ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟରେ ଏକ ଆଗୁଆ ସଂଗଠନ ଭାବେ ଆନ୍ଦୋଳନ ଆଗେଇ ନେବାରେ ପ୍ରମୁଖ ଭୂମିକା ରହିଛି। ବାଲେଶ୍ୱର ଜିଲ୍ଲାରେ ମଧ୍ୟ ନାରୀ ଆନ୍ଦୋଳନ ନେବାରେ ତାର ଭୂମିକା ଅତୀତରେ ସ୍ପଷ୍ଟ କରିଛି। ବାଲେଶ୍ୱରରେ ଆମ ସଂଗଠନ ତାର ରାଜ୍ୟ ସମ୍ମିଳନୀ ପରି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ତାର ୧୩ତମ ରାଜ୍ୟ ସମ୍ମିଳନୀ ସଂଗଠିତ କରିବ। ସାରା ରାଜ୍ୟରୁ ୨୦୦ରୁ ଉର୍ଦ୍ଧ ପ୍ରତିନିଧି ଆସିବା ସହିତ ସର୍ବଭାରତୀୟ ନାରୀନେତ୍ରୀମାନେ ଆସିବେ ବୋଲି ସୂଚନା ଦେଇଥିଲେ। ଆଜି ସେଇଥିପାଇଁ ଜିଲ୍ଲାରେ ଏହି ଗୁରୁଦାୟିତ୍ୱ ସୂଚାରୁରୂପେ ସମ୍ପୂର୍ଣ୍ଣ କରିବା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ଏହି ଅଭ୍ୟର୍ଥନା କମିଟିରେ ଅଧକ୍ଷା ଭାବେ ଡ. ବିନିତା ପଣ୍ଡା ଅଛନ୍ତି ଏବଂ ସଂପାଦିକା ଭାବେ ହରପ୍ରିୟା ଜେନା ରହିଛନ୍ତି। ଏହା ଛଡ଼ା ପୂର୍ବତନ ବିଧାୟକ ପ୍ରଦୀପ ପଣ୍ଡା, ବାଲେଶ୍ୱର ଆସୋସିଏସନର ସଭାପତି ମନୋଜ ନାୟକ, ଓଏସଆରଇୟୁ ନେତା, ଏଲଆଇସି କର୍ମଚାରୀ ନେତା, ବିଇଏଫଆଇ ନେତା, ସିଆଇଟିୟୁ ନେତା, କୃଷକ ସଭା, ଏସଏଫଆଇ ଏବଂ ବିଭିନ୍ନ କ୍ଷେତ୍ରରେ ଖ୍ୟାତନାମା ନେତା ଓ ସମାଜସେବୀମାନଙ୍କୁ ନେଇ ଏହି ଅଭ୍ୟର୍ଥନା କମିଟି ଗଠନ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ସଂଗଠନର ସର୍ବଭାରତୀୟ ସଂପାଦିକା ତାପସୀ ପ୍ରହରାଜ, ରାଜ୍ୟ ସଭାନେତ୍ରୀ ସରୋଜିତା ନାୟକ, ଜିଲ୍ଲା ସଭାନେତ୍ରୀ ହରପ୍ରିୟା ଜେନା, ସଂପାଦିକା ସ୍ନେହଲତା ପଣ୍ଡା ପ୍ରଭୃତି ଉପସ୍ଥିତ ଥିଲେ। ଶ୍ୟାମ ଜେନାଙ୍କୁ ଅଭ୍ୟର୍ଥନା କମିଟିର କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଛି।

## ନିଯୁକ୍ତିବିହୀନ ବଜେଟ୍

ଭୁବନେଶ୍ୱର (ପିଏନ୍)– ଚଳିତ ବର୍ଷର ରାଜ୍ୟ ବଜେଟ୍ ରାଜ୍ୟର ବେକାର ଯୁବକ-ଯୁବତୀମାନଙ୍କୁ ନିରାଶ କରିଛି । ରାଜ୍ୟ ଭିତରେ କାମଧନ୍ଦା ନପାଇ ୨୦ଲକ୍ଷରୁ ଉର୍ଦ୍ଧ୍ୱ ରାଜ୍ୟ ବାହାରେ ଥିବାବେଳେ ରାଜ୍ୟ ଭିତରେ ଥିବା ପ୍ରାୟ ୩୦ଲକ୍ଷ ବେକାରଙ୍କ ପାଇଁ ନିଯୁକ୍ତିର କୌଣସି ସମ୍ଭାବନା ନାହିଁ। କୃଷକମାନଙ୍କ ଫସଲର ସଂରକ୍ଷଣ ପାଇଁ ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାରର ଆବଶ୍ୟକତା ଥିବାବେଳେ ବଜେଟ୍‌ରେ ତାହାର କୌଣସି ବ୍ୟବସ୍ଥା ନାହିଁ। ଜଳସେଚନ ପାଇଁ ଉପଯୁକ୍ତ ବ୍ୟୟବରାଦ ନାହିଁ। ସାମଗ୍ରିକଭାବରେ ଏହା ଏକ ନୈରାଶ୍ୟଜନକ ବଜେଟ୍।

## କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ବିଭିନ୍ନ ସମସ୍ୟା ନେଇ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦିପ ଅମାତଙ୍କ ସହ ଆଲୋଚନା

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡ଼ିକର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିଭଙ୍ଗୀରେ ପରିବ□ନ ହେଉ ବୋଲି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଭୁବନେଶ୍ୱର ପାନ୍ଥନିବାସଠାରେ ଅନୁଷ୍ଠିତ ବୈଠକରେ ଗୃହିତ ୭ ଦଫା ପ୍ରସ୍ତାବ ନେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ମନ୍ତ୍ରୀ ଶ୍ରୀ ଅମାତଙ୍କ ବାସଭବନଠାରେ ସଂଗଠନର ବରିଷ୍ଠ ନେତା ତଥା 'ନବୀନ'ର ସମ୍ପାଦକ ରବି ରଥ ସାକ୍ଷାତ କରି ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ସରକାରୀ ଅନୁମୋଦନ ପାଇଁ କୋହଳ ନୀତି ଅବଲମ୍ବନ କରିବା, ବିଭାଗରେ ଅନୁମୋଦନ ପାଇଁ ପଡ଼ିରହିଥିବା ସମ୍ବାଦପତ୍ରଗୁଡ଼ିକୁ ଅନୁମୋଦନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସ୍ୱତନ୍ତ୍ର ନୀତି ପ୍ରଣୟନ, ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରାଯିବା ଓ ଓଡ଼ିଶାରେ ପେନସନ ବ୍ୟବସ୍ଥା ଲାଗୁ କରିବା, ସଂଘର ଭୁବନେଶ୍ୱରଠାରେ କାର୍ଯ୍ୟାଳୟ ଖୋଲିବା ପାଇଁ ଏକ ସରକାରୀ କ୍ୱାର୍ଟର ଯୋଗାଇବା, ପୂର୍ବରୁ ଜାତୀୟ ଦିବସ, ସାଧାରଣତନ୍ତ୍ର ଦିବସ, ଉତ୍କଳ ଦିବସ, ସ୍ୱାଧୀନତା ଦିବସ, ଦୁର୍ଗାପୂଜା ଭଳି ଦିବସମାନଙ୍କରେ ୫୦୦ ସ୍କ୍ୱାୟାର ସିଏମର କଲର ବିଜ୍ଞାପନ ଦେଉଥିଲେ, ତାହା ବର୍ତ୍ତମାନ ବନ୍ଦ କରି ଦେଇଛନ୍ତି। ତାହାକୁ ପୁନରାୟ ପ୍ରଦାନ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ 'କଳିଙ୍ଗ ପ୍ରଭା'ର ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ା, କେବିକେ ସମାଚାରର ସମ୍ପାଦକ ବିନୋଦ ମହାପାତ୍ର, 'ଘଟଣାଚକ୍ର' ସମ୍ପାଦକ ଭଜରାମ ମହାପାତ୍ର, 'ପରିବର୍ତ୍ତନ'ର ସମ୍ପାଦକ ରମାକାନ୍ତ ପରିଜା, 'ଅଭିନନ୍ଦନ'ର ସମ୍ପାଦକ ଜଗଦୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକ ଓ ସଭାପତିଙ୍କ ଶପଥ ଗ୍ରହଣ ସମାରୋହ




କେନ୍ଦ୍ରାପଡ଼ା (ପିଏନ୍): ବହୁ ଚର୍ଚ୍ଚିତ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି। ଅର୍ବାନ ବ୍ୟାଙ୍କ ସଭାପତି ପଦରେ ବ୍ୟାଙ୍କ ପ୍ରତିଷ୍ଠାତାଙ୍କ ସୁପୁତ୍ର ଗୁରୁପ୍ରସାଦ ମହାନ୍ତିଙ୍କ ପାଇଁ ୭ଟି ସେଟ ନାମାଙ୍କନ ପତ୍ରରେ ୧୪ଜଣ ନବ ନିର୍ବାଚିତ ନିର୍ଦ୍ଦେଶକ ପ୍ରସ୍ତାବକ ଓ ସମର୍ଥକ ଭାବେ ସ୍ୱାକ୍ଷରକରି ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ନିକଟରେ ପୂର୍ବରୁ ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନଥିଲେ ମଧ୍ୟ ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଶ୍ରୀ ବେହେରା ଗୁରୁପ୍ରସାଦ ମହାନ୍ତି କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିବା ସହ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହାପରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ୧୪ଜଣ ନିର୍ବାଚିତ ନିର୍ଦ୍ଦେଶକ ଏବଂ ସଭାପତି ଗୁରୁ ପ୍ରସାଦ ମହାନ୍ତି ପଦ ଓ ଗୋପନୀୟତାର ଶପଥପାଠ କରିଥିଲେ। ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ବ୍ୟାଙ୍କର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡା. ବିଶ୍ୱପ୍ରକାଶ କାନୁନଗୋ ପ୍ରଥମେ ବ୍ୟାଙ୍କର ସଭାପତି ଶ୍ରୀ ମହାନ୍ତିଙ୍କୁ ଏବଂ ପରେ ସମସ୍ତ ନିର୍ବାଚିତ ନିର୍ଦ୍ଦେଶକମାନଙ୍କୁ ଶପଥପାଠ କରାଇଥିଲେ। ନିର୍ବାଚିତ ନିର୍ଦ୍ଦେଶକ ରଶ୍ମିରଞ୍ଜନ ଚୌଧୁରୀ, ଶ୍ରୀକାନ୍ତ ନାୟକ, ସଂଗ୍ରାମ ମଳିକ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, ଶୁକାନ୍ତ କୁମାର ଦ୍ୱିବେଦୀ, ସୁଧାଂଶୁ ଶେଖର ପ୍ରତାପ, ନବଜ୍ୟୋତି ରାୟ, ଡଃ. ଅପର୍ଣ୍ଣା ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ, ବିଧୁଭୂଷଣ ମହାପାତ୍ର, ସିଦ୍ଧାର୍ଥ ଶଙ୍କର ଜେନା, ଅମୂଲ୍ୟ କୁମାର ପ୍ରଧାନ, ମହେନ୍ଦ୍ର କୁମାର ପରିଡା, କଳ୍ପତରୁ ମହାପାତ୍ର ପ୍ରମୁଖ ଜଣଙ୍କ ପରେ ଜଣେ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ମହାନ୍ତି ସଂଚାଳନ କରିଥିବା ବେଳେ ଶାଖା ପରିଚାଳକ ରାଜୀବଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ରବୀନ୍ଦ୍ର ପାତ୍ର, ଭଞ୍ଜ କିଶୋର ଜେନା, ସୁକାନ୍ତ କର, କୈଳାସ ସାମଲ, ବ୍ରଜକିଶୋର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହାପରେ ନବନିର୍ବାଚିତ ସଭାପତି ଶ୍ରୀ ମହାନ୍ତି ବ୍ୟାଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ରିଲିଫ କୋଡର ଜିଲ୍ଲାସ୍ତରୀୟ କର୍ମଶାଳା

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ରିଲିଫ କୋଡର ଜିଲ୍ଲା ସ୍ତରୀୟ କର୍ମଶାଳା ଡିଆରଡିଏ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ରିଲିଫ କମିଶନ ଅଫିସରଙ୍କ ମାର୍ଗଦର୍ଶନରେ ସୂଚାରୁ ରୂପେ ପରିଚାଳନା କରାଯାଇଥିଲା। ସରକାରଙ୍କ ମାର୍ଗଦର୍ଶନ ଅନୁଯାୟୀ ମିଶନ ଜେରୋ କାଜୁଆଲିଟି ଏବଂ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଅଟେ ବୋଲି ପ୍ରାଧାନ୍ୟ ଦେଇ ରିଲିଫ ମାପର ଉଦ୍ଦେଶ୍ୟ ପ୍ରଶାସନିକ ସହାୟତା, ମୃତ୍ୟୁ ମାମଲାରେ ଏକ୍ସଗ୍ରାଟିଆ ମଞ୍ଜୁର, ଦେୟ ପ୍ରକ୍ରିୟା, ଗୃହ ନିର୍ମାଣ ସହାୟତା, କୃଷି ଇନପୁଟ ସବସିଡି ଓ ମତ୍ସ୍ୟଜୀବୀଙ୍କୁ ସହାୟତା ରିପୋର୍ଟର ଚାରୋଟି ପର୍ଯ୍ୟାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ଓଡ଼ିଶା ଗ୍ରାମ୍ୟ ନିର୍ମାଣ ଅସ୍ଥାୟୀ କର୍ମଚାରୀ ସଂଘର ଧାରଣାକୁ ଏଚ୍‌ଏମ୍‌ଏସ୍‌ର ସମର୍ଥନ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ଗ୍ରାମ୍ୟ ନିର୍ମାଣ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲୁ ରହିଥିବା ଧର୍ମଘଟ ଓ ଧାରଣାକୁ ରାଜ୍ୟ ହିନ୍ଦ୍ ମଜଦୁର ସଭାର ଉପସଭାପତି ରବି ରଥ ସମର୍ଥନ କରି ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଦାବି କରିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ, ଦୀର୍ଘ ୨୯ ବର୍ଷ ଧରି ଓଡ଼ିଶାର ଗ୍ରାମ୍ୟ ନିର୍ମାଣ ବିଭାଗର ବିଭିନ୍ନ ମଣ୍ଡଳ, ସବଡିଭିଜନ ସ୍ତରରେ ପ୍ରାୟ ଏକହଜାର ଅସ୍ଥାୟୀ କର୍ମଚାରୀ କ୍ରୀତଦାସ ଭଳି କାର୍ଯ୍ୟ କରି ଆସୁଛନ୍ତି। ବିଭାଗୀୟ ଅଧିକାରୀମାନେ ଏ ସମ୍ପର୍କରେ ସମସ୍ତ ବିଷୟ ଅବଗତ ଥାଇ ସୁଦ୍ଧା ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟାର ସମାଧାନ କରିବାରେ ସରକାର ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି। ରାଜ୍ୟର ଜଣେ ସର୍ବୋଚ୍ଚ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ କରୁଥିବା ବେଳେ ନିରୀହ କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରୀ ଦେବାରେ ମଧ୍ୟ ସରକାର ବିଫଳ ହୋଇଥିବାରୁ ଉପସଭାପତି ଶ୍ରୀ ରଥ ସମାଲୋଚନା କରିଛନ୍ତି। ୧୨.୪.୧୯୯୩ ପରଠାରୁ କାର୍ଯ୍ୟ କରୁଥିବା ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରି ସରକାରୀ ମାନ୍ୟତା ଦିଆଯିବା, ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ୧୯୯୩ ମସିହାଠାରୁ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମସ୍ତ ବକେୟା ପ୍ରଦାନ କରିବା, ଏହି କର୍ମଚାରୀମାନଙ୍କୁ ବିନା ଅନୁମତିରେ କାର୍ଯ୍ୟରୁ ଅନ୍ତର ନ କରିବା, କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସବିଶେଷ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି କର୍ମଚାରୀ ସଂଘର ସଭାପତି ନାରାୟଣ ଜେନା, ସମ୍ପାଦକ କେଦାରନାଥ ମଲ୍ଲିକ ଦାବି କରିଛନ୍ତି। ଦାବି ପୂରଣ ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି ଉଭୟେ ଚେତାବନୀ ଦେଇଛନ୍ତି।

## ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ଓ ଦଦରାକାନ୍ଥସ୍ଥିତ କୋଶଳାଶୁଣୀ ଜଙ୍ଗଲରୁ ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ କରି ନଷ୍ଟ କରିଛି। ଜିଲ୍ଲା ଅବକାରୀ ବିଭାଗର ଇନିସପେକ୍ଟର ଭୈରବ ସାହୁଙ୍କ ସୂଚନା ମୁତାବକ ୬ ହଜାର ୮ ଶହ ଲିଟର ପୋଚ ଓ ୪୧୦ ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ବ୍ୟବହୃତ ସାମଗ୍ରୀଗୁଡିକୁ ନଷ୍ଟ କରାଯାଇଛି। ଏ ନେଇ ଜବତ ହୋଇଥିବା ସାମଗ୍ରୀଗୁଡିକର ମୂଲ୍ୟ ପ୍ରାୟ ୩ ଲକ୍ଷ ୮୧ ହଜାର ହେବ ବୋଲି ଆକଳନ କରାଯାଇଛି। ଏଥିରେ ଭ୍ରାମ୍ୟମାଣ ଇନିସପେକ୍ଟର ସସ୍ମିତା ହୋତା, ଖୋର୍ଦ୍ଧା ଓଆଇସି ମନୋଜ କୁମାର, ଜଟଣୀ ଓଆଇସି ଗିତାଂଜଳୀ ବେହେରା ଓ ବେଗୁନିଆ ଓଆଇସି ବିରଂଚି ନାରାୟଣ ମହାନ୍ତିଙ୍କ ସମେତ କର୍ମଚାରୀମାନେ ଚଢାଉରେ ସାମିଲ ହୋଇଥିଲେ।

## ବିଳାଶୁଣୀ ବିଦ୍ୟାପୀଠର ଶତ ପ୍ରତିଶତ ସଫଳତା

ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଖଦୋଳଠାରେ ଥିବା ବିଳାଶୁଣୀ ବିଦ୍ୟାପୀଠ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ଏହି ହାଇସ୍କୁଲର ମୋଟ ୪୯ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲାବେଳେ ସମସ୍ତେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ପ୍ରଧାନଶିକ୍ଷକ ଶରତକୁମାର ଆଚାର୍ଯ୍ୟଙ୍କ ସମେତ ପଣ୍ଡିତ ବିଦ୍ୟାଧର ଦାସ, ଆନନ୍ଦଚନ୍ଦ୍ର ଦାସ, ରବିନାରାୟଣ ନାଥ ଓ ସମସ୍ତ ଶିକ୍ଷକ ଶିକ୍ଷିକା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ତେଲେଙ୍ଗାପେଣ୍ଠସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ସମସ୍ତ ୨୮ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com


# ରାଜ୍ୟ ଯୁବ କଂଗ୍ରେସର ଯୁବ ଚିନ୍ତନ ବୈଠକ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଏକଦିବସୀୟ ଯୁବ ଚିନ୍ତନ ବୈଠକ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଯୁଗ୍ମ ସମ୍ପାଦକ ତଥା ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଜୋରଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିପରି ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ସେ ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବାକୁ କହିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କଂଗ୍ରେସକୁ ଶାସନ କ୍ଷମତାକୁ ଆଣିବାକୁ ହେଲେ ଯୁବ କଂଗ୍ରେସର ଭୂମିକା ଗୁରତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସର ଆସନ ସଂଖ୍ୟା ୯ରୁ ୯୦ରେ ପହଂଚିବ। ଯୁବ କଂଗ୍ରେସ ଏହି ୯ରୁ ୯୦ ମିଶନର ମୁଖ୍ୟ ସାରଥି ସାଜିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଲଢ଼େଇ ଜୋରଦାର କରିବାକୁ ରଣନୀତି ପ୍ରସ୍ତୁତ ହୋଇଥିଲା। ବୁଥ୍ ସ୍ତରରେ ଯୁବବର୍ଗଙ୍କୁ ଏକତ୍ରିତ କରିବା ପାଇଁ ଯୁବ କଂଗ୍ରେସ ପକ୍ଷରୁ ଯୁବ ସମ୍ପର୍କ ପଦଯାତ୍ରା କରାଯିବ ବୋଲି ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା କହିଥିଲେ। ପୂର୍ବତନ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱରଂଜନ ମହାନ୍ତି ଯୋଗଦେଇ ରାଜ୍ୟ ତଥା ଦେଶର ବିକାଶ ପାଇଁ ଯୁବ ବର୍ଗ ଏକତ୍ରିତ ହେବା ସହ ଦୁର୍ନୀତି ବିରୋଧରେ ଜୋରଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ବରିଷ୍ଠ ନେତା ଡ. ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ଯୁବକଂଗ୍ରେସ ସଭାପତି ସୁଜିତ ପାଢ଼ି ପ୍ରମୁଖ ଯୋଗଦେଇ କଂଗ୍ରେସକୁ ମଜଭୁତ କରିବାରେ ଯୁବ କଂଗ୍ରେସର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା ଓ ସହପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ ଉପସ୍ଥିତ ଥିଲେ। ଏହି ଅବସରରେ କରୋନା କାଳରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୂର୍ବତନ ଯୁବ କଂଗ୍ରେସ ପଦାଧିକାରୀ ସଂକୁନା କହଁରଙ୍କ ସମେତ ଗତ ପଂଚାୟତ ଓ ପୌର ନିର୍ବାଚନରେ ନିର୍ବାଚିତ ହୋଇଥିବା କାର୍ଯ୍ୟକର୍ତାଙ୍କୁ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି, ସମ୍ରାଟ ଜେନା, ରାଜୀବ ପଟ୍ଟନାୟକ, ନିରଂଜନ ନାୟକ, ବିରେନ୍ଦ୍ର ବାଗ, କିରଣ ସାହୁ, ଅଭିଳାଷ ପତି, ବୀରେନ ଦଳେଇ, ଜ୍ଞାନରଂଜନ ରାଉତ, ସାଉଲ ମଙ୍ଗରାଜ, ତ୍ରିଲୋଚନ ପାଣିଗ୍ରାହୀ, ବିଶ୍ୱଜିତ ଲେଙ୍କା, ଆଲବର୍ଟ କିଣ୍ଡୋ, କପିଳେନ୍ଦ୍ର ଭୋଇ, ସ୍ୱାଗତ କର, ଜ୍ଞାନେନ୍ଦ୍ର ଦାସ, ରଂଜିତ ପାତ୍ର, ସୁଶାନ୍ତ ସାହୁ, ଅଭିଷେକ ସେଠ, ଅଭିଷେକ ମହାନନ୍ଦ, ଆର୍ଯ୍ୟବୀର ଲେଙ୍କା, ପ୍ରଶାନ୍ତ ମଲ୍ଲିକ, ଅମ୍ରିତା ଦାସ, ସୁଦୀପ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ଚଳିତ ଜୁଲାଇ ୦୪ ତାରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୧୦୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୩୧ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୭୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଡେପୁଟି କଲେକ୍ଟର (ଆପତକାଳୀନ) ସୁରିକା ବେହେରା ଏବଂ ଆସିଷ୍ଟାଂଟ୍ କଲେକ୍ଟର ସୁଚିସ୍ମିତା ଦାଶଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ରେଡ୍‌କ୍ରସ୍‌ରୁ ସହାୟତା ପାଇଁ ୧୧ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା।

## ସତ୍ୟସାଇ ସେବା ସଂଗଠନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାରେ ୧୦୮୦ ହର୍ଲିକ୍ସ ପ୍ୟାକେଟ ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): ସତ୍ୟସାଇ ସେବା ସଂଗଠନ, ଭୁବନେଶ୍ୱର ଆନୁକୂଲ୍ୟରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ୧୦୮୦ ପ୍ୟାକେଟ ଜୁନିଅର ହର୍ଲିକ୍ସ ଓ ଛତୁଆ ପ୍ୟାକେଟ ବଣ୍ଟନ କରାଯାଇଛି। କେନ୍ଦ୍ରାପଡା ସହରର ମୀରପାଟଣାସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର, ଆଳିର ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ଗଣ୍ଡାକିଆ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ (ବିଦ୍ୟା ଜ୍ୟୋତି ସ୍କୁଲ), କଣିପଡା, ନଡିଆବରାଇ, ମାର୍ଶାଘାଇ, ବାଲିଘାଇ ପ୍ରଭୃତି ଅଞ୍ଚଳରେ ଥିବା ସମସ୍ତ ସ୍କୁଲ ସମେତ ସତ୍ୟସାଇ ହାଉସିଂ ପ୍ରକଳ୍ପମାନଙ୍କରେ ରହୁଥିବା ଲୋକମାନଙ୍କର ପୁଷ୍ଟିହୀନ ପିଲାମାନଙ୍କୁ ମଧ୍ୟ ଜୁନିଅର ହର୍ଲିକ୍ସ ଓ ଛତୁଆ ପ୍ୟାକେଟ ବଣ୍ଟନ କରାଯାଇଥିଲା। ଏତଦବ୍ୟତିତ ଅନାଥ ଆଶ୍ରମରେ ମଧ୍ୟ ୭୦ପ୍ୟାକେଟ ହର୍ଲିକ୍ସ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା ସଭାପତି ରାମଚନ୍ଦ୍ର ସ୍ୱାଇଁ, ଚନ୍ଦ୍ରମଣି ସାହୁ, ଅଧୁନା ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ଆବାହକମାନେ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ଉଷୁମା ହାଇସ୍କୁଲରେ ବନ ମହୋତ୍ସବ



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ ଉଷୁମା ମଧ୍ୟୋଚ୍ଚ ବିଦ୍ୟାଳୟରେ ବାର୍ଷିକ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ପ୍ରଧାନଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ ବିଭାଗର ଫୁଲନଖରା ରେଂଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରାଚୀ ପ୍ରଜ୍ଞା ପରିଷଦ ଅଧକ୍ଷ ଅଶ୍ୱିନୀ ମହାପାତ୍ର, ସମ୍ପାଦକ ଅନୁପ ସାସମଲ, ସିଆରସିସି ପ୍ରଦୀପ କୁମାର ବାରିକ, ଶ୍ରୀ ସନ୍ନ୍ୟାସୀ ଜୀ, ସ୍କୁଲ ପରିଚାଳନା କମିଟି ସଭାପତି ବିଶ୍ୱରଂଜନ ସ୍ୱାଇଁ, ଫରେଷ୍ଟର ସୂର୍ଯ୍ୟକାନ୍ତ ସାହୁ, ସମିତି ସଭ୍ୟାଙ୍କ ପ୍ରତିନିଧି ବିଶ୍ୱରଂଜନ ଦାସ, ଜିଲାପରିଷଦ ସଭ୍ୟ ପ୍ରଦୀପ ଭୋଇ, ଦିଗମ୍ବର ସାହୁ, ସମାଜସେବୀ ଉମାକାନ୍ତ କର, ପୁରାତନ ଛାତ୍ର ଧିରେନ୍ଦ୍ର ସାହୁ, ପ୍ରମୋଦ ବୈଠାଲୁ, ପ୍ରତାପ ଭୋଇ, ଦିବ୍ୟକାନ୍ତ ବାରିକ, ସଂଜୟ ସାହୁ ଓ ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ଆବଶ୍ୟକତା ଓ ଉପଯୋଗିତା ବାବଦରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିବା ସହିତ ପ୍ରତ୍ୟେକ ପିଲା ନିଜ ନିଜର ଜନ୍ମଦିନ ପାଳନ ସମୟରେ ଅନ୍ତତଃ ଗୋଟିଏ ଚାରା ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ମହାପୁରୁଷମାନଙ୍କ ସ୍ଥାୟୀ ଫଟୋ ଗ୍ୟାଲେରୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଓ ଅତିଥିମାନଙ୍କଦ୍ୱାରା ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଫଳ, ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ ହୋଇଥିଲା। ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ଖବରକାଗଜ ବିତରକଙ୍କୁ ରେନ୍ କୋଟ୍ ବାଣ୍ଟିଲେ କାର୍ଯ୍ୟରତ ସାମ୍ବାଦିକ

ପାରାଦୀପ,(ପି.ଏନ): ପ୍ରତିଦିନ ପାରାଦୀପର ବିଭିନ୍ନ କଲୋନୀ, ବସ୍ତି,ମାର୍କେଟ ଆଦି ସ୍ଥାନରେ ରହୁଥିବା ଲୋକମାନଙ୍କୁ ସକାଳୁ ଖବରକାଗଜ ପହଂଚାଇଥାନ୍ତି ଖବରକାଗଜ ବିତରକାମାନେ। ବର୍ଷା,ପବନ,ଖରାକୁ ଖାତିର ନକରି ସେମାନେ ଖବରକାଗଜକୁ ଅତି ଯତ୍ନର ସହିତ ବିତରଣ କରିଥାନ୍ତି । ଗତ କିଛି ଦିନ ଧରି ଲଗାଣ ବର୍ଷାରେ ବି ପାରାଦୀପର ଖବରକାଗଜ ବିତରକମାନେ ଅତି ନିଷ୍ଠାପର ଭାବେ ଖବରକାଗଜ ବିତରଣରୁ ବରିତ ନେଇନାହାନ୍ତି । ସେମାନେ ବର୍ଷାରେ ଓଦା ହୋଇ ଖବରକାଗଜକୁ ବିତରଣ କରୁଥିବା ଦେଖି ସେମାନଙ୍କୁ ରେନ୍ କୋଟ୍ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ । ଏହି ପରିପ୍ରେକ୍ଷିରେ ପାରାଦୀପ ବଡପଡିଆ ଥାନା ନିକଟସ୍ଥ ପ୍ରେସ୍ ଛକ ନିକଟରେ ଶୁକ୍ରବାର ଦିନ ସକାଳେ ପାରାଦୀପର ଖବରକାଗଜ ବିତରକମାନଙ୍କୁ କାର୍ଯ୍ୟରତ ସାମ୍ବାଦିକମାନେ ନିଜସ୍ୱ ଉଦ୍ୟମରେ ରେନ୍ କୋଟ୍ ପ୍ରଦାନ କରାଯାଇଥିଲା। ପାରାଦୀପର ପୌରପାଳ ବସନ୍ତ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖବରକାଗଜ ବିତରକମାନଙ୍କୁ ରେନ୍ କୋଟ୍ ବଣ୍ଟନ କରିଥିଲେ । ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏହି ମହାନ କାର୍ଯ୍ୟକୁ ପାରାଦୀପର ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରିଛନ୍ତି ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।

## ମହିଳାଙ୍କ ଠାରୁ ଟଙ୍କା ଲୁଟ୍ ଘଟଣାର ଅଭିଯୁକ୍ତ ଗିରଫ

ପାରାଦୀପ, (ପି.ଏନ):ଗତ ୧୮ ତାରିଖ ଦିନ ପାରାଦୀପ ଅଠରବାଙ୍କୀ ନିକଟସ୍ଥ ବିଜୟଚନ୍ଦ୍ରପୁରର ଭାରତି ମଣ୍ଡଳ ତାରିଣୀଗଡା ବ୍ୟାଙ୍କ ଅଫ ଇଣ୍ଡିଆ, ତାରିଣୀଗଡା ଶାଖାରୁ ୩୬ ହଜାର ଟଙ୍କା ଉଠାଇ ନିଜ ଘରକୁ ଫେରୁଥିବା ବେଳେ ଜନୈକ ଯୁବକ ତାଙ୍କୁ ପିଛା କରି ତାଙ୍କ ଟଙ୍କା ବ୍ୟାଗ୍ ଛଡାଇ ନେଇ ଫେରାର ହୋଇଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତା ମହିଳା ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପାରାଦୀପ ପୋଲିସ୍ ବ୍ୟାଙ୍କରେ ପହଂଚି ସିସି କ୍ୟାମେରା ଅନୁଧ୍ୟାନ କରିବା ପରେ ସନ୍ଦିଗ୍ଧ ଯୁବକକୁ ଦେଖିବାକୁ ପାଇଥିଲେ । ତାକୁ ଖୋଜାଖୋଜି କରିବା ପରେ ଅଭିଯୁକ୍ତ କୁଜଙ୍ଗ ଥାନା ଅଧିନସ୍ଥ ଗ୍ରାମର ପ୍ରଲୋଭନ ମାଝୀଙ୍କ ପୁଅ ଆଲୋକ ମାଝୀ ଓରଫ ଆଲୁ(୨୪)କୁ ଚିହ୍ନଟ କରାଯାଇଥିଲା । ଅଭିଯୁକ୍ତ ଆଲୋକକୁ ପାରାଦୀପ ପୋଲିସ୍ ଗିରଫ କରିବା ସହ ତା ନିକଟରୁ ନଗଦ ୧୨ ହଜାର ଟଙ୍କା ଓ ଓଆର-୦୫-ଏଭି-୨୫୯୧ ଗ୍ଲାମର ମୋଟର ସାଇକେଲ୍ ଜବତ କରାଯାଇଛି । ପୂର୍ବରୁ ୧୮.୦୫.୨୦୨୨ ମସିହାରେ ଆଉ ଏକ ଟଙ୍କା ଲୁଟ୍ ଘଟଣାରେ ଆଲୋକର ସମ୍ପୃକ୍ତି ଥିବା ନେଇ ପାରାଦୀପ ଆଦର୍ଶ ଥାନା ପକ୍ଷରୁ ସୂଚନା ମିଳିଛି । ଅଭିଯୁକ୍ତକୁ ୨୨୧/୨୨ରେ କୋର୍ଟ ଚାଲଣ କରାଯାଇଛି ।

# କେନ୍ଦ୍ର ବିଜେପି ସରକାରର ଆକ୍ରୋଶମୂଳକ ରାଜନୀତିର ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ରାଉରକେଲା,(ପି.ଏନ): ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଇଡି ଓ ସିବିଆଇକୁ ଆୟୁଧ କରି ଯେପରି ଆକ୍ରୋଶମୂଳକ ରାଜନୀତି ଚଳାଇଛିଁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତାର ତୀବ୍ର ବିରୋଧ କରାଯାଇଛି । ଆଜି ତା-୨୨.୭.୨୨ ରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ୍ ତରଫରୁ ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଉଦିତନଗର ସ୍ଥିତ ଆମ୍ବେଦକର ଛକଠାରେ ଏହି ଆକ୍ରୋଶମୂଳକ ରାଜନୀତିର ପ୍ରତିବାଦରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ବିକ୍ଷୋଭ ସଭାରେ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସିର ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମୀରନ ପାଢୀ, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଇନଟକ ସଭାପତି ନିହାର ଦାସ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ, ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି ସମ୍ପ୍ରତି କେନ୍ଦ୍ରର ମୋଦି ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ନିୟନ୍ତ୍ରଣ, ବେକାରଙ୍କୁ କର୍ମନିଯୁକ୍ତି ଓ ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷାରେ ସାଂଘାତିକ ବିଫଳ ହୋଇଥିବା ବେଳେ ଦେଶର ଅର୍ଥନୀତି ଆଜି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି କହିଥିଲେ । ଗୋଟିଏ ଡଲାରର ମୂଲ୍ୟ ଆଜି ୮୦ ଟଙ୍କାରୁ ଅଧିକ ହୋଇଥିବା ବେଳେ ଦେଶର ଋଣ ଭାର ଆଜି ଚିଂାଜନକ ହୋଇଛି । ତେବେ ଏସବୁରୁ ଲୋକଙ୍କ ନଜର ଏଡାଇବା ପାଇଁ ଓ ଆଗକୁ ଆସୁଥିବା ଗୁଜୁରାଟ ଓ ହିମାଚଳ ପ୍ରଦେଶ ନିର୍ବାଚନକୁ ଦୃଷ୍ଟିରେ ରଖି ଇଡି ଜରିଆରେ ନ୍ୟାସନାଲ ହେରାଲ୍ଡର ଭେଲିକି ଲଗାଇଛିଁ ବୋଲି କହିଥିଲେ । ନ୍ୟାସନାଲ ହେରାଲ୍ଡ ମାମଲାରେ ଗୋଟିଏ ହେଲେ ଟଙ୍କା ଅନୈତିକ ଭାବେ କେହି ନେଇନଥିବା ସ୍ପଷ୍ଟ ହେଲା ପରେ ମଧ୍ୟ ଇଡି ଦୀର୍ଘ ୫ ଦିନ ଧରି ରାହୁଳ ଗାନ୍ଧୀଙ୍କୁ ଡାକି ଜେରା କରିବା ଓ ଏବେ ପୁଣି ସୋନିଆ ଗାନ୍ଧୀଙ୍କୁ ଡାକି ଗତକାଲି ଜେରା କରିବାର ଉଦ୍ଦେଶ୍ୟ କ'ଣ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରଶ୍ନ କରିଥିଲେ । ଦେଶକୁ ସ୍ୱାଧୀନ କରି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇଥିବା ସର୍ବପୁରାତନ କଂଗ୍ରେସ ଦଳ ଓ ଏହାର ନେତୃତ୍ୱଙ୍କୁ ମୋଦି ସରକାର ସାଧାରଣରେ ନିନ୍ଦିତ କରିବା ପାଇଁ ଯେଉଁ ଅପଚେଷ୍ଟା କରୁଛିଁ ତାହା କେବେ ସଫଳ ହେବ ନାହିଁ ବୋଲି କହିଥିଲେ । ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ସହିତ ପ୍ରତ୍ୟେକ କଂଗ୍ରେସ କର୍ମୀ ଦଳ ତଥା ଦଳୀୟ ନେତୃତ୍ୱର ସମ୍ମାନ ପାଇଁ ସଙ୍ଗଠିତ ହୋଇ ମୋଦି ସରକାରକୁ ଠିକଣା ଜବାବ ଦେବେ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି ମୋଦି ସରକାର ଏପରି ଆକ୍ରୋଶମୂଳକ ରାଜନୀତିରୁ ନିବୃତ୍ତ ରହିବାକୁ ଦାବି କରିଥିଲେ । ଅନ୍ୟଥା ଆଗାମୀ ଦିନରେ ସହରର ଗଳିକନ୍ଦିରୁ ଆରମ୍ଭ କରି ଗ୍ରାମାଞ୍ଚଳର ପୁଲପଲ୍ଲୀରେ ମୋଦି ସରକାରର ତାନାସାହି ଓ ସ୍ୱେଚ୍ଛାଚାର ବିରୋଧରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ । ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଏହି ଅବସରରେ ଧନ୍ୟବାଦ ଦେଇଥିବା ବେଳେ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାଂ ସେଠୀ, ଉପସଭାପତି ସଂୋଷ ବିଶ୍ୱାଳ, ଉମେଶ ଶରଣ, କୀର୍ତ୍ତନ ଦାସ ଓ ଶୋଭା ସିଂହ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ତୁଳସୀ ନାଗ, ମୁଖପାତ୍ର କୈଳାସ ଚାନ୍ଦ୍ର ସାହୁ ଓ ଆରପି ସିଂହ, ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ଧର୍ମେନ୍ଦ୍ର ପରମାର, ଅମ୍ରିତ କୌର, ରବୀନ୍ଦ୍ର ନାୟକ, ସୁନୀଲ ସିଂହ, ରବୀନ୍ଦ୍ର ଦାସ, କୋଷାଧକ୍ଷ ଚିତ୍ତରନ ମର୍ହା, କାର୍ଯ୍ୟନିର୍ବାହୀ ସଦସ୍ୟ ଶ୍ୟାମେନ୍ଦ୍ର ମାହାତୋ, ରୁକସାନା ବେଗମ, ବିନୋଦ ପଟ୍ଟନାୟକ, ଜିତେନ୍ଦ୍ର ଦାସ, ଦିଲ୍ଲିପ ଜେନା, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଓବିସି ଅଧକ୍ଷ ବୈଲୋଚ ସାହୁ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତ'ୀ, ବ୍ଲକ୍ ସଭାପତି ବିଜୟ ଆପଟ, ରଘୁନାଥ ଦାସ, ଧୁସା ନାୟକ, ବରିଷ୍ଠ ନେତା ଅମୀୟ ଦାସ, ବି.ଏନ୍. ମର୍ହା, ବର୍ସ ସାମଲ, ଆଦେଶ ସୁନା, ବ୍ରଜେନ୍ଦ୍ର ମର୍ହା, ପ୍ରଭାକର ଭୋଳ, ଚତୁର୍ଭୁଜ ସାମଲ ଓ ଅଭିମନ୍ୟୁ ଦାସ, ବିଦ୍ୟାଧର ସିଂହ, ରେହେମାନ ଖାନ, ଡେଭିଡ ପ୍ରଧାନ, ଇଂ.ଶିବୁ ଓରାମ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବିଶ୍ୱଜିତ ସାହୁ, ସେବାଦଳର ବୁଲୁ ଦାସ, ନାରୀନେତ୍ରୀ ଝୁନୁ ପଟ୍ଟନାୟକ, ମୀନୁ ଛୁଆଳସିଂହ, ନୀଲୁ କୁମାରୀ, ଯୁବନେତା କୁଅଁର ସିଂ, ସାକିର ହୁସେନ, ବାବୁ ବିଶ୍ୱାଳ, ମୀନକେତନ ଯତୀ, ଶ୍ୟାମ ସାଗର, ବିଜୟ ପଟ୍ଟନାୟକ, ବ୍ରଜ ଦାସ, ରେହାନ ରିଜଭି, ସିକନ୍ଦର ଅହମ୍ମଦ, ଅନୀଲ ଦାସ, ଇଂ.ବିଶ୍ୱରନ ରାଉତ, ସରୋଜ ନାୟକ, ଋଷି ସାହୁ, ବିବେକ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଦନ୍ତାହାତୀର ଗଳିତ ମୃତଦେହ ଠାବ : ଦାନ୍ତ କାଟିନେଲେ ଦୁର୍ବୃତ୍ତ

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ଉତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ରେଞ୍ଜ୍ ରେ ପୁଣି ଏକ ଦନ୍ତାହାତୀର ଗଳିତ ମୃତଦେହ ଠାବ କରାଯାଇଛି । ମୃତ ଦନ୍ତାହାତୀର ଗୋଟିଏ ଦାନ୍ତକୁ ଦୁର୍ବୃତ ମାନେ କାଟି ନେଇଥିବା ଦେଖିବାକୁ ମିଳିଛି । ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ହାତୀର ଗଳିତ ମୃତଦେହକୁ ଜବତ କରିବା ସହ ଘଟଣାର ଅନୁଧ୍ୟାନ କରୁଛନ୍ତି ।

## ଆନ୍ଧ୍ର ବିଇଡିରେ ନାମ ଲେଖାଇଦେବା ଆଳରେ ଲକ୍ଷ ଲକ୍ଷ ଟଙ୍କା ଲୁଟ

ଧର୍ମଶାଳା,(ପିଏନ୍): ଧର୍ମଶାଳା ଅଂଚଳର ଆନ୍ଧ୍ର ବିଇଡିରେ ନାମ ଲେଖାଇ ଦେବାକୁ ନେଇ ଛାତ୍ରଛାତ୍ରୀମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ୪୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏଭଳି ଠକାମିର ଶିକାର ହୋଇଥିବା ଜଣାପଡିଛି । ପ୍ରକାସ ଯେ ୨୦୨୧/୨୩ ଶିକ୍ଷାବର୍ଷ ପାଇଁ ଧର୍ମଶାଳା ଥାନା ଅଂଚଳର ବିଇଡି ଏଜେଂଟ୍ ଧର୍ମଶାଳା, କୁଆଖିଆ, ବାଲେଶ୍ୱର,ଭଦ୍ରକ ଓ କଟକ ଆଦି ଅଂଚଳର ବହୁ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ନେଇ ଆନ୍ଧ୍ର ପ୍ରଦେଶର ମହମ୍ମଦ ଅରହାନ ବିଇଡି କଲେଜରେ ନାମ ଲେଖାଇ ଦେବା ପାଇଁ ଜଣକ ପିଛା ୨୦ହଜାର ଟଙ୍କା ନେଇଥିଲେ । ସେହିପରିଏକ ବସ ଯୋଗେ ସେଠାକୁ ପରୀକ୍ଷା ଦେବାକୁ ନେବା ପାଇଁ ୫ ହଜାର ଲେଖାଏଁ ଟଙ୍କା ଆଦାୟ କରିନେଇଥିଲା । ବିଇଡି ପ୍ରଥମ ସେମୀଷ୍ଟାର ପରୀକ୍ଷା ଚଳିତ ମାସ ୨୧ ତାରିଖରେ ଆରମ୍ଭ ହେଉଥିବାରୁ ୧୯ ତାରିଖରେ ବସ ଯୋଗେ ଆନ୍ଧ୍ରପ୍ରଦେଶ ଯିବାକୁ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲା । ସେମାନେ ୧୯ତାରିଖରେ ଜାରକା ଛକରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସକାଳ ୭ଟାରୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ହେଁ ବସ ଆସିନଥିଲା । ପରେ ସଂପୃକ୍ତ ଏଜେଂଟଙ୍କ ସହ ଫୋନ ଯୋଗାଯୋଗ କରିବାରୁ ଫୋନ ସୁଇଚ ଅଫ ରହିଥିଲା । ପରେ ଛାତ୍ରଛାତ୍ରୀ ଏକାଠି ହୋଇ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସଂପୃକ୍ତ ଏଜେଂଟ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ ଓ ଟଙ୍କା ଫେରି ପାଇବାକୁ ଥାନା ଅଧିକାରୀଙ୍କ ନିକଟରେ ଠକେଇର ଶିକାର ହୋଇଥିବା ଛାତ୍ରୀ ମାନସୀ ମଲିକ, ହିମାଂଶୁ ମଲିକ ପ୍ରମୁଖ ଦାବି କରିଛନ୍ତି । ଅଭିଯୋଗ ପରେ ପୁଲିସ ନଂ ୪୧୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

## ଫୁଲବାଣୀ ମୁଖ୍ୟ ରାସ୍ତାର ଧୂଳିରେ ଅତିଷ୍ଠ ହେଲେଣି ସହରବାସୀ

କନ୍ଧମାଳ,(ପି.ଏନ): ଫୁଲବାଣୀ ପୌରପରିଷଦ ଅଂଚଳର ମୁଖ୍ୟ ରାସ୍ତାର କୃଷିବିଭାଗ ଛକ ଠାରୁ ଆରମ୍ଭ କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରହିଥିବା ମେନରୋଡ ମଧ୍ୟରେ ରାସ୍ତାର ପିଚୁ ଉଠି ଯାଇଛି । ଫଳରେ ରାସ୍ତାରେ ଗାଡିମୋଟର ଯାତାୟାତ ବେଳେ ଧୂଳି ଉଡି ବାୟୁ ପ୍ରଦୂଷଣ ଚରମ ସୀମାରେ ପହଂଚିଥିବା ଲକ୍ଷ୍ୟ କରାଯାଇଛି । ଏହାଦ୍ୱାରା ମୁଖ୍ୟ ରାସ୍ତା ଧୂଳିମୟ ହେବା ଯୋଗୁଁ ଯାତାୟତ କରୁଥିବା ଲୋକେ ଅଣ ନିଶ୍ୱାସି ହୋଇ ପଡୁଛନ୍ତି ଏବଂ ଲୋକମାନଙ୍କୁ ସେହି ରାସ୍ତାରେ ଯିବା ବେଳେ ଅସ୍ୱସ୍ଥିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ।ପୂର୍ତ୍ତ ବିଭାଗ ଦ୍ୱାରା ଗତ କିଛି ଦିନ ତଳେ କରାଯାଇଥିବା ଏହି ରାସ୍ତାର ମରାମତି କାମ ନିମ୍ନମାନର ହୋଇଥିବା ଯୋଗୁଁ ରାସ୍ତାରୁ ପିଚୁ ଉଠି ଯାଇ ରାସ୍ତାରେ ବଜୁରୀ ଓ ବାଲି ଉଠି ଯିବା ଫଳରେ ରାସ୍ତାରେ ଗାଡି ମୋଟର ଯାତାୟତ ବେଳେ ଭୀଷଣ ଧୂଳି ଉଡୁଛି । ଏଥିପାଇଁ ଫୁଲବାଣୀର ମୁଖ୍ୟ ରାସ୍ତାରେ ଏହିଭଳି ପ୍ରଦୂଷଣ ହେଉଛି । ଏଥିପାଇଁ ଜିଲ୍ଲାପାଳଙ୍କ କାଯ୍ୟାଳୟ ଠାରୁ ମାଦିକୁନ୍ଦା ଛକ ପର୍ଯ୍ୟନ୍ତ ଯିବା ଆସିବା କରିବା ଲୋକେ ଧୂଳି ଯୋଗୁଁ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ଗତ କିଛି ଦିନ ଧରି ଜନ ସାଧାରଣ ଗମନାଗମନ ସହ ବିଭିନ୍ନ ପ୍ରକାର ଯାନବାହାନରେ ଯିବା ଆସିବା କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ପ୍ରତି ବର୍ଷ ଏହି ରୋଡ ବାର୍ଷିକ ଦୁଇ / ତିନିରୁ ଚାରିଥର ନୂତନ ଭାବେ ନିର୍ମାଣ କରାଯାଉଥିଲା ମଧ୍ୟ ରୋଡ ମଧ୍ୟରୁ ପିଚୁ ସହ ବାଲି ଉଠି ଯିବା ଫଳରେ ବାୟୁ ପ୍ରଦୂଷଣ ହେଉଛି ।ଫୁଲବାଣୀ ସହର କନ୍ଧମାଳ ଜିଲ୍ଲାର ସଦର ମହାକୁମା ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ପୌରପରିଷଦ କର୍ମକର୍ତା ତଥା ପୂର୍ତ୍ତ ବିଭାଗର କୋଠାବାଡି ମୁଖ୍ୟ ଯନ୍ତ୍ରୀ, ମଣ୍ଡଳ କୋଠାବାଡି ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ସହ ସହକାରୀ ଯନ୍ତ୍ରୀ ଓ ବରିଷ୍ଠ କନିଷ୍ଠ ଯନ୍ତ୍ରୀ ମାନେ ରହି କାର୍ଯ୍ୟ ତଦାରଖ କରୁଛନ୍ତି । ଜିଲ୍ଲାର ସଦର ମହାକୁମାରେ ଯଦି ଏଭଳି ନିର୍ମାଣ କାର୍ଯ୍ୟ କରାଯାଉଛି, ତା ହେଲେ ଅନ୍ୟାନ୍ୟ ଅଂଚଳର କାର୍ଯ୍ୟ କିଭଳି ହେଉଥିବ ସେ କଥା ନ କହିବା ଭଲ ବୋଲି ବରିଷ୍ଠ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ନୂତନ ଜିଲ୍ଲାପାଳ ନିର୍ମାଣ କାର୍ଯ୍ୟ ଗୁଡିକର ସମିକ୍ଷା କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ପ୍ରତିଦିନ ସହରରେ ବର୍ଷା ହେଉଥିବା ବେଳେ କୃଷି ଛକ ଠାରୁ ଜିଲ୍ଲାପାଳଙ୍କ କାଯ୍ୟାଳୟ ପର୍ଯ୍ୟନ୍ତ ରହିଥିବା ମେନ ରୋଡ ମଧ୍ୟରେ ବାୟୁମଣ୍ଡଳ ପ୍ରଦୂଷଣ ସହର ବାସୀଙ୍କୁ ଚିନ୍ତାରେ ପକାଇଛି । ତୁରନ୍ତ ବାୟୁ ପ୍ରଦୂଷଣ ରୋକିବା ସହ ପ୍ରତିକାର ପାଇଁ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘ ଦାବି କରିଛି ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ବିଜୟ ଓଡିଆ ଜାତିର ବିଜୟ

ଧର୍ମଶାଳା,(ପିଏନ୍): ଭାରତର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି । ସେହିକ୍ରମରେ ଆଜି ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜେଡିର ପ୍ରତିଷ୍ଠାତା ସଭ୍ୟ ରବି ଲାବଣ୍ୟ ଶ୍ରୀମତୀ ମୁର୍ମୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଜଣେ ଓଡିଆ ଆଦିବାସୀ ମହିଳା ପ୍ରଥମକରି ଅଧିଷ୍ଠିତ ହୋଇ ଗୌରବ ଅର୍ଜନ କରିଛନ୍ତି । ଏଥିରେ କୋଟି କୋଟି ଓଡିଆଙ୍କ ହୃଦୟରେ ଆନନ୍ଦ ଖେଳିଯାଇଛି । ଦ୍ରୌପଦୀଙ୍କର ବିଜୟ ଓଡିଆ ଜାତିର ବିଜୟ ବୋଲି ଶ୍ରୀ ଲାବଣ୍ୟ ପ୍ରକାଶ କରିଛନ୍ତି । ଦ୍ରୌପଦୀଙ୍କୁ ରାଷ୍ଟ୍ରପତି କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଶ୍ରୀ ଲାବଣ୍ୟ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀମତୀ ମୁର୍ମୁ ଓଡିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଦିଲ୍ଲୀ ଦରବାର ରେ ଓଡିଆ ଜାତିର ସ୍ୱାଭିମାନ ଓ ଗୌରବର ଟେକ ରଖିବେ ବୋଲି ଶ୍ରୀ ଲାବଣ୍ୟ ଆଶାବ୍ୟକ୍ତ କରିଛନ୍ତି । ସେହିପରି ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ପ୍ରଥମ ଆଦିବାସୀ ମହିଳା ଦ୍ରୋପଦି ମୁର୍ମୁ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏଥିସହିତ ଶ୍ରୀମତୀ ମୁର୍ମୁଙ୍କୁ ଭୋଟ ଦେଇ ବିପୁଳ ସଂଖ୍ୟାରେ ବିଜୟୀ କରାଇଥିବା ସାଂସଦ ଓ ବିଧାୟକମାନଙ୍କୁ କୃତ ଜ୍ଞତା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି ।

## କୋତପୁର ସରପଂଚଙ୍କୁ ଗାଡି ଚଢାଇ ମାରିଦେବାକୁ ଉଦ୍ୟମ, ଥାନାରେ ମାମାଲା

ଧର୍ମଶାଳା, (ପିଏନ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ପଂଚାୟତ ସରପଂଚ ସୁନାକର ବେହେରାଙ୍କୁ ବିରୋଧି ଗୋଷ୍ଠି ଗାଡି ଚଢାଇ ମାରିଦେବାକୁ ଉଦ୍ୟମ କରିଥିବା ବେଳେ ସେ ଅଳ୍ପକେ ବଂଚିଯାଇଛନ୍ତି । ଏନେଇ ସେ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି । ସୂଚନ ଅନୁଯାୟୀ ପଦ୍ମଶ୍ରୀ ଅଜୟ କୁମାର ପରିଡାଙ୍କ ପାର୍ଥୀବ ଶରୀର କୋତପୁର ପଂଚାୟତ ଭଗବାନପୁର ଗ୍ରାମକୁ ଏକ ଶୋଭାଯାତ୍ରାରେ ନିଆଯାଉଥିବା ବେଳେ ଏହି ପଂଚାୟତ କୋତପୁର ଜାଗୁଳାଇ ହାଇସ୍କୁଲ ଛକ ଠାରେ ସରପଂଚ ଶ୍ରୀ ବେହେରା ଓ ତାଙ୍କ ସହଯୋଗୀମାନେ ପୁଷ୍ପ ଗୁଚ୍ଛ ଧରି ଅପେକ୍ଷା କରିଥିଲେ । ସ୍ୱର୍ଗତ ପରିଡାଙ୍କ ପାର୍ଥୀବ ଶରୀରର ସେଠାରେ ପହଂଚିବା ପରେ ଶ୍ରୀ ବେହେରା ଓ ତାଙ୍କ ସହଯୋଗୀମାନେ ପୁଷ୍ପଗୁଚ୍ଛ ଦେବାକୁ ଯାଉଥିବା ବେଳେ ହଠାତ ଦ୍ରୁତଗତିରେ ଯାଉଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ସରପଂଚ ସମେତ ତାଙ୍କ ସହକର୍ମୀମାନେ ଗୁରୁତର ଆହତ ହୋଇଥିଲେ । ଏହି ଘଟଣା ଥାନା ଅଧିକାରୀଙ୍କ ସମ୍ମୁଖରେ ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି । ଦୁର୍ଘଟଣା ଘଟାଇଥିବା ସ୍ଥାନୀୟ ଅଂଚଳର ସୁନାକର ସାହୁ ବୋଲି ଜଣାପଡିଛି । ତାକୁ ପୁଲିସ ଥାନାରେ ଅଟକ ରଖିବା ସହ ସେ ଚଲାଉଥିବା ବାଇକ ଓଡି-୦୪-ଏଲ- ୧୫୩୮କୁ କୋତପୁର ଫାଣ୍ଡିରେ ରଖାଯାଇଛି । ବାଇକ ପଛରେ ବସିଥିବା ଅନ୍ୟ ଜଣେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି । ଦୁର୍ଘଟଣା ଘଟାଇଥିବା ଦୁର୍ବୃତ ସରପଂଚଙ୍କ ବିରୋଧି ଗୋଷ୍ଠିର ବୋଲି ସେ କହିଛନ୍ତି । ଗତ ପଂଚାୟତ ନିର୍ବାଚନରେ ହାରଜିତକୁ କେନ୍ଦ୍ର କରି ଉଭୟ ଗୋଷ୍ଠିଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିବା ଜଣାପଡିଛି । ଏହି ତିକ୍ତତାକୁ କେନ୍ଦ୍ର କରି ବିରୋଧି ଗୋଷ୍ଠି ସରପଂଚଙ୍କୁ ମାରିବା ପାଇଁ ଉଦ୍ୟମ କରିଥିବା ସରପଂଚ ଅଭିଯୋଗ କରିଛନ୍ତି । ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ ମଳୟ କୁମାର ସାମଲ, କିଶୋର ଜେନା, ପ୍ରଭାସ ରାଉତ, ପ୍ରତାପ ସେଠୀ ଓ ନଟବର ରାଉତ ବୋଲି ଜଣାଯାଇଛି । ଏହି ଦୁର୍ଘଟଣାର ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ସ୍ପଷ୍ଟ ଜଣାପଡୁଛି କି ଏହା ଏକ ଯୋଜନାବଦ୍ଧ ଦୁର୍ଘଟଣା ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହାଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

## ଧର୍ମଶାଳା ପବ୍ଲିକ୍ ସ୍କୁଲରେ ସମସ୍ତେ ପାସ

ଧର୍ମଶାଳା, (ପିଏନ୍): କେନ୍ଦ୍ରୀୟ ବୋର୍ଡ ପରୀକ୍ଷାର ଫଳାଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷାରେ ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ଶତପ୍ରତିଶତ ଛାତ୍ରଛାତ୍ରୀ ଉତିର୍ଣ୍ଣହୋଇଛନ୍ତି । ଏଥିରେ ସ୍କୁଲର ଛାତ୍ର ରୁଦ୍ରପ୍ରକାଶ ରାଉତ ୯୫.୬ ପ୍ରତିଶତ ହାରରେ ୪୭୮ ନମ୍ବର ରଖି ସ୍କୁଲରେ ସର୍ବୋଚ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସ୍କୁଲ ୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଛନ୍ତି । ସ୍କୁଲର ମୋଟ ୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ବୋଲି ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି ।

**OFFICE OF THE NOTIFIED AREA COUNCIL, CHAMPUA**

**DIST : KEONJHAR**

No. 1866/Date 22.07.2022

**QUOTATION CALL NOTICE**

The Executive Officer, Champua NAC on behalf of Champua, Dist-Keonjhar invites sealed quotations from the intending registered firms/authorized dealers / distributors/ supplier's for Providing & Fixing of Paver Block, Chair & Benches with Park Lighting system in Champua NAC Area. The prescribed quotation schedule can be obtained from the Champua NAC on payment of Rs 1,000/- ( Rupees one thousand) only including GST (non-refundable) in shape of cash/bank draft/bankers cheque drawn in favour of the Executive Officer, Champua NAC payable at Champua from any nationalized bank from date 25.7.22 to date 02.08.22 upto 1.00P.M. during office hour except holidays.

The quotation paper along with all documents should reach the undersigned by Regd. Post/Speed / Courier Service or by person on or before date 03.08.22 upto 1.00 P.M. will in no way be responsible for any delay in receipt of the quotation documents . The quotation will be opened on the same date at 1.30 P.M in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation schedule. The undersigned has the rights to accept cancel or reject any or all the quotations without assigning any reason thereof.

By order of Chairperson

Executive Officer
Champua NAC

**OFFICE OF THE NOTIFIED AREA COUNCIL, CHAMPUA**

**DIST : KEONJHAR**

No. 1870/Date 22.07.2022

**QUOTATION CALL NOTICE**

The Executive Officer, Champua NAC on behalf of Champua, Dist-Keonjhar invites sealed quotations from the intending registered firms/authorized dealers / distributors/ supplier's for suppler of sanitation items toChampua NAC for the finanial year 2022-23. The prescribed quotation schedule can be obtained from the sanitation section of Champua NAC on payment of Rs 3,000/- ( Rupees thee thousand) only including GST (non-refundable) in shape of cash/bank draft/bankers cheque drawn in favour of the Executive Officer, Champua NAC payable at Champua from any nationalized bank from date 25.7.22 to date 03.08.22 upto 1.00P.M. during office hour except holidays.

The quotation paper along with all documents should reach the undersigned by Regd. Post/Speed / Courier Service or by person on or before date 03.08.22 upto 1.00 P.M. will in no way be responsible for any delay in receipt of the quotation documents . The quotation will be opened on the same date at 1.30 P.M in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation schedule. The undersigned has the rights to accept cancel or reject any or all the quotations without assigning any reason thereof.

By order of Chairperson

Executive Officer
Champua NAC

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ



Bhubaneswar Saturday July 23, 2022 ଭୁବନେଶ୍ୱର ଶନିବାର, ଜୁଲାଇ ୨୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# ବାଲିଅନ୍ତା ବ୍ଲକର ବିଡିଓଙ୍କୁ ଘେରିଲେ ଜନ ପ୍ରତିନିଧି



ବାଲିଅନ୍ତା, : ବାଲିଅନ୍ତା ବ୍ଲକରେ ଚାଲିଥିବା ଅରାଜକତା ଓ ଜନ ମଙ୍ଗଳ କାର୍ଯ୍ୟରେ ବିଳମ୍ବ ସହିତ ବିଭିନ୍ନ ପ୍ରକଳ୍ପ ବାବଦକୁ ପଡି ରହିଥିବା ଅର୍ଥରାଶି ବିନିଯୋଗରେ ଶୀତଳତା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ବାଲିଅନ୍ତା ପଂଚାୟତ ପ୍ରତିନିଧି ସଂଘର ସଭାପତି ହୃଷିକେଶ ପାତ୍ରଙ୍କ ନେତୃତ୍ୱରେ ଦାବୀ ପତ୍ର ପ୍ରଦାନ କରିଛନ୍ତି । କିଛି ନିର୍ବାଚିତ ଜନ ପ୍ରତିନିଧିଙ୍କ ଅଭିଯୋଗ ବ୍ଲକର ଅଧକ୍ଷା ନିର୍ବଚନ ପରଠାରୁ ଅଧକ୍ଷା ବାଲିଅନ୍ତା ବ୍ଲକରେ କ୍ରମାଗତ ଭାବେ ପାତର ଅନ୍ତର ଓ ଆକ୍ରୋଶ ମୂଳକ ନୀତି ଅବଲମ୍ବନ କରି କିଛି ନିର୍ଦ୍ଦିଷ୍ଟ ହାତ ଗଣତି ପଂଚାୟତ ଯେକି ନିଜର ଅନୁଗାମୀ ଅଟନ୍ତି । କେବଳ ସେହି ପଂଚାୟତର ଉନ୍ନତିମୂଳକ କାର୍ଯ୍ୟ ଉପରେ ଦୃଷ୍ଟି ପାକାଇବା ବେଳେ ଅପର ପକ୍ଷରେ ଅନ୍ୟ ପଂଚାୟତକୁ ପକ୍ଷପାତିତା କରୁଛନ୍ତି । ବ୍ଲକରେ ପୂର୍ବତନ ଅଧକ୍ଷାଙ୍କ ସ୍ୱାମୀ ଯେକି ତାଙ୍କ ଇଙ୍ଗିତରେ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି । ତାର ଉଦାହରଣ ଉମାଦେଇବ୍ରହ୍ମପୁର ପଂଚାୟତର ଯଶୁଆପୁର ସ୍କୁଲର ପାଚେରୀ ନିର୍ମାଣ କାର୍ଯ୍ୟ । ବିଭିନ୍ନ ସମୟରେ ଅଧକ୍ଷ ବିଲରେ ଦସ୍ତଖତ କରିବାରେ ତାଳ ତୁଳା ନୀତି ଅବଲମ୍ବନ ଓ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଠାରୁ ଅନୁମତି ପାଇଁ ପରାମର୍ଶ ଦେବା, ବିଲ୍‌କୁ କିଛି ଆଳ ଦେଖାଇ ପାସ୍ ନକରିବା ଏହା ତଙ୍କର ନୀତିଦିନିଆ ଅଭ୍ୟାସରେ ପରିଣତ ହୋଇ ଗଲାଣି । ପୂର୍ବରୁ ପଡି ରହିଥିବା କାର୍ଯ୍ୟକୁ ନୂତନ ଭାବେ ନିର୍ବାଚିତ ହୋଇ ଆସିଥିବା ଜନପ୍ରତିନିଧିମାନଙ୍କ ଅଜାଣତରେ କାର୍ଯ୍ୟ କରାଉଛନ୍ତି । ସମସ୍ତ ପୁରୁଣା କାର୍ଯ୍ୟ ଗୁଡିକୁ ପୂର୍ବତନ ଜନପ୍ରତିନିଧିମାନଙ୍କ ସଂମ୍ପର୍କୀୟ ଓ ମଧୁଚନ୍ଦ୍ରିକା ଭାବ ଥିବା ଠିକାଦାରାଙ୍କ ଦ୍ୱାରା କରାଇବା ସମ୍ପର୍କିତ ଅଭିଯୋଗ ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକଙ୍କୁ ଲିଖିତ ଭାବେ ପ୍ରଦାନ କରାଯାଇଥିଲା । ଅପର ପକ୍ଷରେ ଅଧିକାରୀ ସମସ୍ତ ତଥ୍ୟକୁ ସାତ ଦିନ ଭିତରେ ବିଚାର କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ପ୍ରତିନିଧିମାନେ ସ୍ୱ ଗୃହକୁ ଫେରିଥିଲେ । ସ୍ମାରକୀ ପତ୍ର ଦେବା ବେଳେ ଅନ୍ୟମାନଙ୍କ ଭିତରେ ସଂଘର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର, ଉମାଦେଇବ୍ରହ୍ମପୁର ପଂଚାୟତର ସରପଂଚ ରମାଲତା ନାୟକ, ସତ୍ୟଭମାପୁର ପଂଚାୟତର ସରପଂଚ ରଶ୍ମିତା ଭୋଇ, ବାଲିଅନ୍ତା ପଂଚାୟତର ସରପଂଚ କୃଷ୍ଣ କେଶବ ଆପଟ, ସମିତି ସଭ୍ୟା କୁନି ପ୍ରଧାନ, କାକରୁଦ୍ରପୁର ପଂଚାୟତର ସରପଂଚ ଶଶ୍ମିତା ମଲ୍ଲିକ, ସମିତି ସଭ୍ୟା ମିଲିଲତା ବେହେରା, ଜୟଦେବ ପଂଚାୟତର ସରପଂଚ ପୂର୍ଣ୍ଣଚନ୍ଦ୍ର ଭୋଇ, ସମିତି ସଭ୍ୟ ଭାବଗ୍ରାହୀ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ । ଦୁଃଖ ଓ ପରିତାପର ବିଷୟ ବିଡିଓ ଓ ଜନ ପ୍ରତିନିଧିଙ୍କ ଅଲୋଚନା ବେଳେ କିଛି ଖବର କାଗଜ ପ୍ରତିନିଧି ସେଠାରେ ଉପସ୍ଥିତ ଥିଲେ । କିଛି ଅସାମାଜିକ ଯୁବକ ସେଠାରେ ପହଂଚି ଖବରଦାତାମାନଙ୍କୁ ଦୁର୍ବ୍ୟବହାର କରିଥିଲେ । ବର୍ତ୍ତମାନ ସମ୍ବାଦିକମାନଙ୍କୁ ଖରାପ ବ୍ୟବହାର ପଦର୍ଶନ କରିବା ବାଲିଅନ୍ତା ଅଂଚଳରେ ଏକ ପ୍ରକାର ଅଭ୍ୟାସରେ ପରିଣତ ହୋଇ ଗଲାଣି । ଏତା ଦୃଶ୍ୟ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଉଛି ।

## ସିବିଏସ୍‌ଇ ପରୀକ୍ଷାରେ ଡିଏଭି ପୋଖରୀପୁଟର ସଫଳତା

ଭୁବନେଶ୍ୱର ,(ପି.ଏନ):କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଡିଏଭି ପୋଖରୀପୁଟର ବିଦ୍ୟାର୍ଥୀ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଦ୍ୟାଳୟର ସାମଗ୍ରିକ ସଫଳତା ୯୦.୨୭ ପ୍ରତିଶତ ରହିଛି । ବିଦ୍ୟାଳୟର ମୋଟ ୧୮୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨୪ ଜଣ ବିଦ୍ୟାର୍ଥୀ ୯୦% ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଦିତ୍ୟ ପ୍ରଧାନ ୯୯.୮୦% ନମ୍ବର ସହ ପ୍ରଥମ, ପ୍ରିୟାଶା ପଟ୍ଟନାୟକ ୯୯.୪୦% ରେ ଦ୍ୱିତୀୟ ଏବଂ ୯୯.୨୦% ନମ୍ବର ସହ ବିସ୍ମିତ୍ ସାହୁ ଏବଂ ଶ୍ରେୟା ସାହୁ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଦ୍ୟାଳୟ ସ୍ତରରେ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀମାନେ ନିଜ ସଫଳତା ପାଇଁ ମାତାପିତା, ଶିକ୍ଷକ-ଶିକ୍ଷୟିତ୍ରୀ , ଅଧକ୍ଷା ଡ. ସୁଜାତା ତଥା ଈଶ୍ୱରଙ୍କ ଆଶୀର୍ବାଦ ବୋଲି କହିଛନ୍ତି । ଅଧିକାଂଶ ଛାତ୍ରଛାତ୍ରୀ ବିଷୟଭିତ୍ତିକ ଶତପ୍ରତିଶତ ନମ୍ବର ରଖି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି । ବିଦ୍ୟାଳୟର ଏହି ସଫଳତା ପାଇଁ ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ, ଡିଏଭି ବିଦ୍ୟାଳୟ ସମୂହ ଓଡ଼ିଶା ଜୋନ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି. ଶତପଥୀ ଏବଂ ବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଫୁଲବାଣୀରେ ଅହେତୁକ ବାଲିଦରବୃଦ୍ଧି ପ୍ରତିବାଦରେ ଟ୍ରାକ୍ଟର ସଂଘ ରାଜ ରାସ୍ତାକୁ ଓହ୍ଲାଇବ



ଫୁଲବାଣୀ,(ପି.ଏନ):କନ୍ଧମାଳ ଜିଲ୍ଲାରେ ବାଲିର ଦର ଅହେତୁକ ବୃଦ୍ଧି ପାଇଁ ପ୍ରଶାସନ ପଦକ୍ଷେପ ନେଉଥିବାରୁ ଦୀର୍ଘ କୋଡ଼ିଏ ଦିନ ଧରି ଟ୍ରାକ୍ଟର ସବୁ ବନ୍ଦ ରହିଛି ।ବାଲି ପରିବହନ ବୃଦ୍ଧି ନିଷ୍ପତ୍ତି ପୂର୍ବରୁ କୌଣସି ଠିକାଦାର, ଟ୍ରାକ୍ଟର ମାଲିକ କିମ୍ବା ନିର୍ମାଣ ଠିକାଦାର ଙ୍କ ମତାମତ ନ ନେଇ ଏକଛତ୍ରବାଦ ଭାବେ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି ।ଯାହା ବେନିୟମ ଓ ଅଗଣତାନ୍ତିକ ।ଏହି ଦର ଫୁଲବାଣୀ ର ପଟୁବାଲି ପାଇଁ ପ୍ରଜୁଜ୍ୟ ନୁହେଁ ।ଫୁଲବାଣୀ ର ପଟୁବାଲି କୌଣସି ପଲସ୍ତରା ମେଜିଆ ବା ଛାତ କାମରେ ଲାଗୁନାହିଁ ।ତେଣୁ ଏହି ଦରବୃଦ୍ଧି ଜନସାଧାରଣ ଙ୍କୁ ଅତ୍ୟଧିକ ହେବ ।ତେଣୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଜିଲା ପ୍ରଶାସନ ଶୁଣୁ ନଥିବାରୁ ଆସନ୍ତା ଜୁଲାଇ ୨୫ତାରିଖ ଠାରୁ ରାଜରାସ୍ତାକୁ ଓହ୍ଲାଇବା କୁ ବାଧ ହେବେ ବୋଲି ସୂଚନା ଦେଇଛନ୍ତି ।ବାଲିଘାଟ ନିଲାମ କରି ବାଲି ରୟାଲିଟ ଆଦାୟ କଲେ ପେନାଲିଟି ବା ଫାଇନ ପଡିବ ନାହିଁ ।ଯାହାଫଳରେ ସୁବିଧା ରେ ବାଲି ପରିବହନ ହୋଇପାରିବ ।ବର୍ତ୍ତମାନ କୋଡ଼ିଏ ଦିନ ବନ୍ଦ ଫଳରେ ମୂଲିଆ ମଜୁରିଆକାମ ବିନା ନାହିଁ ନଥିବା ହଇରାଣ ହେଉଛନ୍ତି ।ଖାଇବା ପିଇବା ପାଇଁ ଅସୁବିଧା ।ଟ୍ରାକ୍ଟର ମାଲିକ ବ୍ୟାଙ୍କ ଋଣ କିପରି ଶୁଝିବେ ।ଡ୍ରାଇଭର ଦରମା କେଉଁଠୁ ଦେବେ ?ତୁରନ୍ତ ଏହାର ସମାଧାନ ନ କଲେ ସାଧାରଣ ଜନତା କୁଲି ମୁଲିଆ ରାଜ ରାସ୍ତାକଡ ଓହ୍ଲାଇବାକୁ ବାଧ ହେବେବୋଲି ଟ୍ରାକ୍ଟର ମହାସଂଘ ର ଉପଦେଷ୍ଟା ଅଶୋକ ପରିଡା ଓ ସଂମ୍ପାଦକ ଅମରେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି ।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,(ପି.ଏନ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି । ଏଥିରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍କୁଲ୍‌ର ଅଧିକାଂଶ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିଥିବା ବେଳେ ସୌମୀ ବିଶ୍ୱାସ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି । ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୬ ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି । ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ଓ ଜାତୀୟସ୍ତରରେ ମଧ୍ୟ ସଫଳତା ହାସଲ କରିଆସୁଛନ୍ତି ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପ୍ରାଣୀ ବିଜ୍ଞାନ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାରିପଦା ,(ପି.ଏନ): ବାରିପଦା ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପ୍ରାଣୀ ବିଜ୍ଞାନ ବିଭାଗର ଶେଷ ବର୍ଷର ସ୍ନାତକ ଛାତ୍ରଛାତ୍ରୀମାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଭାଗୀୟ ମୁଖ୍ୟ ଅଭିପ୍ସା ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଏବଂ ମୟୂରଭ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଦ୍ୟାର୍ଥୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରସ୍ତୁତ ରହିବା ସକାଶେ ପରାମର୍ଶ ଦେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଧ୍ୟାପିକା ସାଗରୀକା ପଣ୍ଡା, ଦେବଶ୍ରିତା ବିଶ୍ୱାଳ, ମଦନ ମୋହନ ସାହୁ, ସବିତାରାଣୀ ଦାସ, ପୂର୍ଣ୍ଣିମା ମହାନ୍ତି, ଦେବୀଦତ୍ତ ରାଉତ, ସସ୍ମିତା ସିଂ, ସମ୍ମାନିତ ଅତିଥି ଭାବେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ବିଭାଗୀୟ ଅଧ୍ୟାପିକା ଅଙ୍କିତା ସାହୁ ପ୍ରାରମ୍ଭରେ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ସୂଚନା ଦେଇଥିଲେ ଏବଂ ପ୍ରାଣୀ ବିଜ୍ଞାନର ବିଭିନ୍ନ ଉପାଦେୟ ତଥ୍ୟ ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟ ବର୍ଷର ଛାତ୍ର ଆୟୁଷ୍ମାନ ଭୂୟାଁ, ବିକାଶ ରନ ମହାନ୍ତ, ନିବେଦିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗାୟତ୍ରୀ ବେହେରା, ଲିପ୍ସା ପ୍ରିୟଦର୍ଶିନୀ, ସ୍ୱାଗତିକା ସାତୁଆ, ଅଙ୍କିତା ସେନ, ଶ୍ରଦ୍ଧାଳୀ ପାତ୍ର, ମୋନାଲିସା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ପାରାଦୀପ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରୟାସ

ପାରାଦୀପ,(ପି.ଏନ): ପାରାଦୀପର ଅଠରବାଙ୍କୀ ଠାରୁ ଦୋଛକି ପର୍ଯ୍ୟ‘ ରାସ୍ତା ମରଣଯ’। ପାଲଟିଗଲାଣି । ପ୍ରାୟତଃ ପ୍ରତିଦିନ ଘଟୁଛୁ ଦୂର୍ଘଟଣା । ଏହାକୁ ଦୃଷ୍ଟିରେ ରଖି ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡିଥିଲେ । ପ୍ରଶାସନକୁ ଏ ଦିଗରେ ଅଧିକ କ୍ରିୟାଶୀଳ କରିବା ପାଇଁ କାର୍ଯ୍ୟରତ ସାମ୍ବାଦିକମାନେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ଏହା ପରେ ଆକ୍ସନ ମୋଡ୍‌କୁ ଆସିଯାଇଥିଲା ଜିଲ୍ଲା ପ୍ରଶାସନ । ପାରାଦୀପ ବନ୍ଦର, ପାରାଦୀପ ପୌର ପାଳିକା ଓ କୁଜଙ୍ଗ ତହସିଲକୁ ତ୍ୱରିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାରାଦୀପ ଉପକଣ୍ଠ ଦୋଛକି ନିକଟରେ ୩୦.୧୪ ଏକର ଖାଲି ଯାଗାରେ ବାଲି ପୋତି ଅସ୍ଥାୟୀ ଭାବେ ଟ୍ରକ୍ ଟର୍ମିନାଲ ପାଇଁ ଜିଲ୍ଲାପାଳ ଗତ ଜୁନ୍ ମାସ ୧୮ ତାରିଖରେ ପତ୍ରସଂଖ୍ୟା ୮୪୩୩ ରେ ଚିଠି କରିଥିଲେ ଜିଲ୍ଲାପାଳ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପାରାଦୀପ ବନ୍ଦର ମଧ୍ୟକୁ ଯାଆସ କରୁଥିବା ଟ୍ରକଗୁଡିକୁ ସୁବ୍ୟବସ୍ଥିତ ଭାବେ ପାର୍କିଂ କରିବା ପାଇଁ ଦୋଛକି ଠାରେ ଏକ ସ୍ଥାୟୀ ବିଶ୍ୱସ୍ତରୀୟ ଟ୍ରକ ଟର୍ମିନାଲ ନିର୍ମାଣ ଲାଗି ପାରାଦୀପ ବନ୍ଦର ଅଣ୍ଡା ଭିଡିଥିବା ନେଇ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଏହି ମର୍ମରେ ଗତ ସପ୍ତାହରେ ବନ୍ଦରର ବରିଷ୍ଠ ଅଧିକାରୀ ଜଗତସିଂହପୁର ଜିଲ୍ଲା ପ୍ରଶାସନ ସହ ଟର୍ମିନାଲର ସବିଶେଷ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା କରିଛଁ । ହେଲେ, ବନ୍ଦର କର୍ତ୍ତୃପକ୍ଷ ଭବିଷ୍ୟତକୁ ଲକ୍ଷ୍ୟ ରଖି ସେଠାରେ ଏକ ସ୍ଥାୟୀ ବିଶ୍ୱସ୍ତରୀୟ ଟ୍ରକ ଟର୍ମିନାଲ ନିର୍ମାଣ ଲାଗି ଜାତୀୟ ରାଜପଥ କଡକୁ ଜବରଦଖଲ ନଥିବା ଜାଗା ପ୍ରଦାନ ଲାଗି ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଡିଏଭି ପୋଖରୀପୁଟର ସଫଳତା




ଭୁବନେଶ୍ୱର,(ପି.ଏନ):କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଡିଏଭି ପୋଖରୀପୁଟର ବିଜ୍ଞାନ ବିଭାଗରେ ମୋଟ୍ ୨୧୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୭ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛଁ । ବିଜ୍ଞାନ ବିଭାଗରେ ବିଦ୍ୟାଳୟର ସାମଗ୍ରିକ ହାର ୮୪.୯୬ ପ୍ରତିଶତ ଥିବାବେଳେ ବାଣିଜ୍ୟ ବିଭାଗରେ ୮୬.୫୨ ପ୍ରତିଶତ ଓ କଳା ବିଭାଗରେ ୮୬.୮୦ ପ୍ରତିଶତ ରହିଅଛି । ବିଜ୍ଞାନ ବିଭାଗରେ ବିଦ୍ୟାଳୟସ୍ତରରେ ରବି ନାରାୟଣ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ , ସଂଗ୍ରାମିକା ପଣ୍ଡା ଓ ଅନୁରାଗ ମହାଁ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଓ ଶିବାଂଶ ଚତୁର୍ବେଦି ତୃତୀୟ ସ୍ଥାନ ଅଧିକାର କରିଛଁ । ବାଣିଜ୍ୟ ବିଭାଗରେ ଅନୁଭବ ସାହୁ ଓ କଳା ବିଭାଗରେ ନିର୍ଲିପ୍ତା ମହାପାତ୍ର ବିଦ୍ୟାଳୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛଁ । କୃତି ଛାତ୍ରଛାତ୍ରୀମାନେ ସେମାନଙ୍କର ସଫଳତା ପାଇଁ କଠିନ ପରିଶ୍ରମ, ମାତାପିତାଙ୍କ ଆଶୀର୍ବାଦ, ବିଦ୍ୟାଳୟର ଅଧକ୍ଷା ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ପାଇଁ ଏହା ସମ୍ଭବ ହୋଇଛି ବୋଲି ମତ ପ୍ରଦାନ କରିଛନ୍ତି । ଅଧିକାଂଶ ଛାତ୍ରଛାତ୍ରୀ ବିଷୟଭିତ୍ତିକ ଶତପ୍ରତିଶତ ନମ୍ବର ରଖି ନିଜ ଦକ୍ଷତାର ପରିଚୟ ଦେଇଛଁ । ଏହି ସଫଳତା ପାଇଁ ବିଦ୍ୟାଳୟର ପରିଚାଳନା ସମିତିର ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ, ଡିଏଭି ସମୂହ ଓଡ଼ିଶା ଜୋନ୍‌ର ଆଞ୍ଚଳିକ ଅଧିକାରୀ ଡ. କେଶବ ଚନ୍ଦ୍ର ଶତପଥୀ ଓ ଡିଏଭି ଜୋନ୍-୧ ର ସହ ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ଏହି ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
• Surveillance through CCTV Camera • Small Classes • Congenial Environment • Intimate, Safe & Secured Place • Experienced & loving teachers • Individual attention to each child • Spacious Playground • AC Activity Room • Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray